# ଟ୍ରାକ୍ଟର ଓଲଟି ଚାଲିଗଲା ମାଲିକଙ୍କ ଜୀବନ

**ବାଲିବନ୍ଧ, ୭।୧ (ସମିସ)**

ବାଲି ଚୋରି ହେଲା କାଳ । ବାଲି ବୋଝେଇ ଟ୍ରାକ୍ଟର ଓଲଟି ଚାଲିଗଲା ମାଲିକ ଜୀବନ । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଝୁମ୍ପୁରା ଥାନା ଖୁଣ୍ଟାପଡା ପଞ୍ଚାୟତ ସୋଲଗୋଡା ଗ୍ରାମରେ । ଏନେଇ ରବିବାର ଝୁମ୍ପୁରା ଥାନାରେ ଅଭିଯୋଗ ହୋଇଛି । ମୃତ ଟ୍ରାକ୍ଟର ମାଲିକ ସେହି ଗ୍ରାମର ରାସବିହାରୀ ପ୍ରଧାନଙ୍କ ପୁଅ ଗୋଲକ ପ୍ରଧାନ (୪୮) । ସୂଚନା ମୁତାବକ ରବିବାର ସକାଳ ୪ଟା ବେଳେ ଟ୍ରାକ୍ଟର ମାଲିକ ଗୋଲକ ପ୍ରଧାନ ଓ ଡ୍ରାଇଭର ସୁଧାକର ବେଣ୍ଟକାର ନିଜ ଟ୍ରାକ୍ଟର (ନଂ ଓଡି୦୯ଏସ୍୭୧୬୩/୭୨୨୩) ଯୋଗେ ସୋଲଗୋଡା ଠାରୁ ଚୋରା ବାଲି ବୋଝେଇ



କରି ଦ୍ରୁତଗତିରେ ଅର୍ଶଳା ଅଭିମୁଖେ ଯାଉଥିଲେ । ତେବେ ଟ୍ରାକ୍ଟର ଡାଲାରେ ମାଲିକ ଗୋଲକ ବସିଥିଲେ । ଡ୍ରାଇଭର ସୁଧାକର ବେପରୁଆ ଓ ଦ୍ରୁତଗତିରେ ଗାଡ଼ି ଚଳାଇବା ଯୋଗୁଁ ଖୁଣ୍ଟାପଡା ଗ୍ରାମର ଆକାଶିଆ ଜଙ୍ଗଲ ପଥରହୁଡି ବୁଲାଣି ନିକଟରେ ଭାରସାମ୍ୟ ହରାଇ ଟ୍ରାକ୍ଟର ଓଲଟି ପଡିଥିଲା । ଫଳରେ ଟ୍ରାକ୍ଟର ମାଲିକ ଗୋଲକ ଗାଡ଼ି ଡାଲା ତଳେ ଚାପିହୋଇ ପଡିରହିଥିଲେ । ସେହି ସମୟରେ ଝୁମ୍ପୁରା ପୁଲିସ ଜଣେ ଅଭିଯୁକ୍ତକୁ ଧରିବା ନିମନ୍ତେ ବାଲିପଶି ଅଭିମୁଖେ ଯାଉଥିଲେ । ଶବ୍ଦ ଶୁଣି ପୁଲିସ ଘଟଣାସ୍ଥଳକୁ ଯାଇ ଦେଖିଲା ବେଳକୁ ବାଲି ବୋଝେଇ ଟ୍ରାକ୍ଟର ଓଲଟି ପଡଛି ଏବଂ ଡାଲା ତଳେ ଜଣେ ଲୋକ ଚାପି ହୋଇ ପଡିରହିଛି । ଘଟଣାସ୍ଥଳରୁ ଡ୍ରାଇଭ ସୁଧାକର ଫେରାର୍ ହୋଇଥିବା ସୂଚନା ରହିଛି । ପୁଲିସ୍ ଓ ଗ୍ରାମବାସୀ ସହାୟତାରେ ଗୋଲକକୁ ଉଦ୍ଧାର କରି ଝୁମ୍ପୁରା ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ଡାକ୍ତର ଯାଞ୍ଚ କରିବା ପରେ ଗୋଲକକୁ ମୃତ ଘୋଷଣା କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ପାରିପାଶ୍ୱିକସ୍ଥିତ ଅନୁଧ୍ୟାନ କରିବା ସହ ଟ୍ରାକ୍ଟରକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଡାକ୍ତରଖାନା ପଠାଇଥିବା ଜଣାପଡିଛି ।

### ଓଜନ ଓ ମାପ ବିଭାଗର ଧରପଗଡ଼ ହେଉନି

# ଠକେଇର ଶିକାର ହେଉଛନ୍ତି ଖାଉଟି

**ଆନନ୍ଦପୁର,୭।୧ (ସମିସ):** ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଖାଉଟି ବ୍ୟାପକ ଠକେଇର ଶିକାର ହେଉଥିବା ଗୁରୁତର ଅଭିଯୋଗ ହୋଇଛି । ଆନନ୍ଦପୁରଠାରେ ଥିବା ଓଜନମାପ ବିଭାଗ ସ୍ଥାଣୁ ପାଲଟି ଯାଇଥିବାରୁ ଆଦିବାସୀ ଇଲାକାରେ ଲୋକେ ବିଭିନ୍ନ ସାମଗ୍ରୀ କିଣି ଠକେଇର ଶିକାର ହେଉଛନ୍ତି । ଖାଉଟିଙ୍କୁ ଠକେଇରୁ ସୁରକ୍ଷା ଦେବା ପାଇଁ ସରକାର ଓଜନ ଓ ମାପ ଏବଂ ପ୍ୟାକେଜ କମ୍ପୋଜିଟ ଆଇନ ପ୍ରଣୟନ କରିଥିବା ବେଳେ ଏହାକୁ କାର୍ଯ୍ୟକାରୀ କରାଯାଉନଥିବାରୁ ସାଧାରଣ ଖାଉଟି ଠକେଇର ଶିକାର ହେଉଛନ୍ତି । ଓଜନ ଓ ମାପ ଆଇନ ଅନୁଯାୟୀ ପ୍ରତିବର୍ଷ ବ୍ୟବସାୟୀମାନେ ନିକିତି, ବଟକରା, ପଲା, ମିଟରଦଣ୍ଡ ଓ କମ୍ପ୍ୟୁଟର ମାପ ମେସିନକୁ ନବୀକରଣ କରିବାକୁ ଥିବା ବେଳେ ଅନେକ ବ୍ୟବସାୟୀ ଓ ବ୍ୟବସାୟିକ ଅନୁଷ୍ଠାନ ଦୀର୍ଘ ଦିନ ଧରି ନବୀକରଣ କରୁନଥିବା ସାଧାରଣରେ ଅଭିଯୋଗ ହୋଇଛି । ଏନେଇ ବିଭାଗୀୟ ଧରପଗଡ ଓ ଯାଞ୍ଚ ହେଉନଥିବାରୁ ବିଭିନ୍ନ ସାପ୍ତାହିକ ହାଟ, ମାଛମାଂସ ବଜାରମାନଙ୍କରେ ଖୋଲାଖୋଲି ଠକେଇ ଚାଲୁଥିବା ଅଭିଯୋଗ ହୋଇଛି । ତେବେ ବିଭାଗ ପକ୍ଷରୁ ନିୟମିତ ଓ ନିରନ୍ତର ଭାବେ ଯାଞ୍ଚ କରାଯାଉନଥିବାରୁ ସାଧାରଣ ଖାଉଟିମାନେ ଠକେଇର ଶିକାର ହେଉଥିବା ଅଭିଯୋଗ ହୋଇଛି । ଏଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

## କୁଶଳେଶ୍ୱର ବିଦ୍ୟାଳୟ ୧୯୭୯ ବ୍ୟାଚର ବନ୍ଧୁମିଳନ



**ଆନନ୍ଦପୁର, ୭।୧(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ କୁଶଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭୯ ମସିହା ବ୍ୟାଚ ଛାତ୍ରମାନଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଦେଓଗାଁଠାରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ତତ୍କାଳୀନ ଶିକ୍ଷକ କୃଷ୍ଣଚନ୍ଦ୍ର ଓଝା, ବିପିନି ବିହାରୀ ରାଉତ, ଅନାଦି ଚରଣ ଦାଶ, ବାବାଜୀ ଚରଣ ସାହୁ ଓ ନାଥ ସାହୁ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଛାତ୍ର ମାନଙ୍କୁ ଉପଦେଶ ଦେଇଥିଲେ । ଦୀର୍ଘ ୪୫ ବର୍ଷ ପରେ ପୁରୁଣା ସ୍ମୃତିକୁ ମନେ ପକାଇ ଭାବର ଆଦାନ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ରବି ନାରାୟଣ ଶିଯଳ, ସୁରେଶ କୁମାର ସାହୁ, ଶିଶିର କୁମାର ପୃଷ୍ଟି, ବଳରାମ ପାତ୍ର, ବିନୋଦ ବିହାରୀ ରାଉତ, ସତ୍ୟବାନ ରାଉତ, ଗଗନ ବିହାରୀ ପତି, ବିଭୁ ପ୍ରସାଦ ମହାନ୍ତି, ସନ୍ତୋଷ କୁମାର ନାଥ, ଦୂର୍ଯୋଧନ ବେହେରା, ଅରବିନ୍ଦ ସାହୁ, ପ୍ରମୋଦ କୁମାର ପୃଷ୍ଟି, କୋଦଣ୍ଡଧର ନାୟକ, ଯୁଧିଷ୍ଠିର ତ୍ରିପାଠୀ, କୃଷ୍ଣଚନ୍ଦ୍ର ସାହୁ ଓ ଦିଲୀପ ରାଉତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ

## ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ



**ବାଲିବନ୍ଧ, ୭।୧(ସମିସ):** ଝୁମ୍ପୁରା ବ୍ଲକ ମୁଖ୍ୟାଳୟଠାରେ ଅବସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଝୁମ୍ପୁରା ପରିସରରେ ବରିଷ୍ଠ ଆଚାର୍ଯ୍ୟ ସନ୍ତୋଷ କୁମାର ପ୍ରଧାନଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଚାର୍ଯ୍ୟ ଶ୍ରୀ ପ୍ରଧାନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଝୁମ୍ପୁରାରେ ୧୯୯୩ ମସିହାଠାରୁ ଅବସର ଗ୍ରହଣ ପର୍ଯ୍ୟନ୍ତ ଦୀର୍ଘ ୩୩ ବର୍ଷ ଧରି ଶିକ୍ଷାଦାନ କରିଥିଲେ । ସେ ଜଣେ ଛାତ୍ର ବତ୍ସଳ, କର୍ତ୍ତବ୍ୟନିଷ୍ଠା ତଥା ମେଳାପୀ ଶିକ୍ଷକ ଭାବେ ପରିଚିତ ଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିପିନ୍ ବିହାରୀ ଖଣ୍ଡାୟୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ପରିଚାଳନା କମିଟିର ସଭାପତି ସୁବଳ ସାହୁ, ସମ୍ପାଦକ ଶରତ କୁମାର ସାହୁ, ସଙ୍କୁଳ ପ୍ରମୁଖ ରମାକାନ୍ତ ପ୍ରଧାନ ପ୍ରମୁଖଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା ତଥା ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ । ଆଚାର୍ଯ୍ୟ ସନ୍ତୋଷ କୁମାର ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା । ଆଚାର୍ଯ୍ୟ ରାଜକିଶୋର ପ୍ରଧାନ ଅତିଥି ପରିଚୟ ରଖିଥିବା ବେଳେ ଆଚାର୍ଯ୍ୟ ଅଶୋକ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ପ୍ରକାଶ ପାଇଲା ଆନନ୍ଦପୁର ଓ ଘସିପୁରାର ଚୂଡ଼ାନ୍ତ ଭୋଟର ତାଲିକା

# ଆଜିଠାରୁ ପ୍ରତି ବୁଥ୍‌ରେ ଇଭିଏମ୍ ପ୍ରଦର୍ଶନ

**ନନ୍ଦପୁର,୭।୧ (ସମିସ):** ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପାଇଁ ଆନନ୍ଦପୁର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଆନନ୍ଦପୁର ଓ ଘସିପୁରା ବିଧାନସଭା କ୍ଷେତ୍ର ପାଇଁ ଚୂଡ଼ାନ୍ତ ଭୋଟର ତାଲିଖା ପ୍ରକାଶ ପାଇଛି । ଆସନ୍ତା ୮ ତାରିଖଠାରୁ ସେକ୍ଟର ଅଫିସରମାନେ ପ୍ରତ୍ୟେକ ବୁଥ୍‌ରେ ଉପସ୍ଥିତ ରହି ଇଭିଏମ୍ ଯୋଗେ ହେବାକୁ ଥିବା ମତଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଥିଲା । ଆନନ୍ଦପୁର ଉପଜିଲ୍ଲାପାଳ




ଚିତ୍ତରଞ୍ଜନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଯୋଗ ଦେଇ ଭୋଟର ତାଲିକାକୁ ପୁଙ୍ଖାନୁପୁଙ୍ଖ ଭାବେ ଯାଞ୍ଚ କରିଥିଲେ । ତେବେ ଆସନ୍ତା ନିର୍ବାଚନରେ ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ୧,୧୫,୫୦୬ ମହିଳା ଭୋଟର ଥିବା ବେଳେ ୧,୧୭,୬୭୮ ପୁରୁଷ ଭୋଟର ଅଛନ୍ତି । ସେହିପରି ଘସିପୁରା ବିଧାନସଭା କ୍ଷେତ୍ରରେ ୧,୧୩,୯୯୩ ମହିଳା ଭୋଟର ଥିବା ବେଳେ ୧,୧୪,୩୪୬ ପୁରୁଷ ଭୋଟର ଥିବା ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି । ଅତିରିକ୍ତ ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା ଆନନ୍ଦପୁର ଓ ଘସିପୁରା ବିଧାନସଭା କ୍ଷେତ୍ର ପାଇଁ ହେବାକୁ ଥିବା ସାଧାରଣ ନିର୍ବାଚନକୁ ମୁକ୍ତ ଓ ଅବାଧ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳ ନେତୃବୃନ୍ଦଙ୍କ ସହଯୋଗ କାମନା କରିଥିଲେ । ଏହି ବୈଠକରେ ବିଜେଡିରୁ ରମାକାନ୍ତ ବେହେରା, କଂଗ୍ରେସରୁ ଶ୍ରୀଧର ଦଳେଇ, ବିଜେପିରୁ ଇଂ.ଦୀପକ ଜେନା ଏବଂ ସୁମନ୍ତ ମଲିକ, ହରିହର ଧଳ, ରାମଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆଜିର ବୈଠକରେ ଉପଜିଲ୍ଲାପାଳଙ୍କ ନିର୍ବାଚନ ସହଯୋଗୀ ଗୌରାଙ୍ଗ ଚରଣ ଜେନା ସହଯୋଗ କରିଥିଲେ ।

## ଶୁଆକାଟିରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ

**କେନ୍ଦୁଝର,୭।୧(ସମିସ):** ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଶୁଆକାଟୀସ୍ଥିତ ପାଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଏକ ସଚେତନତା ରାଲି ଏବଂ ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବାଂଶପାଳ ବ୍ଲକ ଅଧ୍ୟକ୍ଷ ମାନସ ଦେହୁରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସଡକ ସୁରକ୍ଷା ସଂପର୍କିତ ସଚେତନତା ଅଭିଯାନକୁ ସୀମିତ ନରଖି ବାସ୍ତବ କ୍ଷେତ୍ରରେ ନିଜେ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନ କରାଇବାର ଅଙ୍ଗୀକାର ନେଇ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ । ପାଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ ଆନୁକୂଲ୍ୟରେ କାଉନସେଲର ଆନନ୍ଦଚନ୍ଦ୍ର ନନ୍ଦ ସଂଯୋଜନାରେ ଏକ ରାଲିରେ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇ ସଡକ ସୁରକ୍ଷା ନେଇ ସଚେତନତା ବାର୍ତ୍ତା ଦେଇ ଶୁଆକାଟୀ ଆଖପାଖ ଗ୍ରାମ ପରିଭ୍ରମଣ କରି ଲୋକଙ୍କୁ ସଚେତନ କରାଇଥିଲେ । ପରେ ଅଧ୍ୟକ୍ଷ ରମାକାନ୍ତ ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା । ଉକ୍ତ ସଭାରେ ଅଧ୍ୟାପିକା ଅନୁପମା ମହାପାତ୍ର, ଭାରତୀ ମହାନ୍ତ, ସୁଜାତା ଗିରି, ଅଧ୍ୟାପକ ଅମରେଶ ଚନ୍ଦ୍ର ନାୟକ, ବିଶ୍ୱଜିତ୍ ବାରିକ, ପ୍ରଶାନ୍ତ କୁମାର ଦାସ ଏବଂ ଅନ୍ୟ କର୍ମଚାରୀ ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ ।




## ଦେଶୀ ମଦ ବ୍ୟବସାୟୀ ଗିରଫ

**ତେଲକୋଇ,୭।୧(ସମିସ):** ତେଲକୋଇ ଥାନା ଅଧୀନସ୍ଥ ଖୁଣ୍ଟାପଡ଼ା ଗାଁର ଜଣେ ଚୋରା ବିଦେଶୀ ମଦ ତେଲକୋଇ ନିକଟସ୍ଥ ବିଦେଶୀ ଭାଟିରୁ ମଦ ଆଣି ଦୋକାନ ଭଳି ଦିନରାତି ଖୁଲମ ଖୋଲା ମଦ ବ୍ୟବସାୟ କରୁଥିବା ବେଳେ ପୁଲିସ ଚଢ଼ଉ କରି ଜଣକୁ ଗିରଫ କରିଛି । ତେଲକୋଇ ପୁଲିସର ଏକ ଟିମ୍ ଖୁଣ୍ଟାପଡ଼ା ଗାଁରେ ଚଢ଼ାଉ କରି ୧୦ଲିଟର ବଦେଶୀ ମଦ ଜବତ କରିବା ସହିତ ଅର୍ଜୁନ ପାତ୍ର (୫୮) କୁ ଗିରଫ କରିଛନ୍ତି । ସୂଚନା ମୁତାବକ ଚଳିତ ମାସ ତେଲକୋଇ ଥାନା ଆଇଆଇସି ସରୋଜକାନ୍ତ ସାମଲଙ୍କ ନେତୃତ୍ୱରେ ବିଭନ୍ନ ସ୍ଥାନରେ ଚଢାଉ କରି ତିନି ଜଣକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ବେଳେ ପୁଣି ଆଜି ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଆଗକୁ ଏପରି ଚଢ଼ଉ ଜାରି ରହିବ ବୋଲି ଥାନା ଅଧୀନରେ ପ୍ରକାଶ କରିଛନ୍ତି ।

## ଜ୍ୟୋତି କପ୍ ନକ୍ଆଉଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



**ତୁରୁମୁଙ୍ଗା, ୭।୧ (ସମିସ):** କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଜ୍ୟୋତିପୁର ହାଇସ୍କୁଲ ପଡ଼ିଆ ଠାରେ ଜ୍ୟୋତି କ୍ଲବ ପକ୍ଷରୁ ନକ୍ଆଉଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ସମାଜସେବୀ ଭାଗୀରଥି ଦାଶ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଜ୍ୟୋତିପୁର ସରପଞ୍ଚ ସ୍ନେହଲତା ନାଏକ, ସମାଜସେବୀ ଯଦୁମଣୀ ନାଏକ, କିଶୋର ବେହେରା, ଦିନେଶ ବେହେରା ପ୍ରମୁଖ ଯୋଗଦେଇଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିବା ବେଳେ ଉଦ୍‌ଘାଟନୀ ମ୍ୟାଚ ପାଞ୍ଚପୋଖରିଆ ସହ ଦୁଦ୍ କୁଣ୍ଡି ଏବଂ ପଦ୍ମପୁର ସହ ଯୋଡ଼ା ମଧ୍ୟରେ ହୋଇଥିଲା । ଏହି ଖେଳ ୬ ଦିନ ଧରି ଚାଲିବାକୁ ଥିବା ବେଳେ ଅମ୍ପାୟାର ଭାବରେ ଚନ୍ଦନ ଦେହୁରୀ ଓ ପ୍ରଭୁଦତ୍ତ ମିଶ୍ର ଖେଳ ପରିଚାଳନା କରିଥିଲେ । କଲ୍ୟାଣ ପଟ୍ଟନାୟକ ଖେଳର ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଜ୍ୟୋତି କ୍ଲବର ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

## ମା’ ବଉଳାଶୁଣି ରାତ୍ରିକାଳୀନ କ୍ରିକେଟ୍

**ବେଲବାହାଲି,୭।୧(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଲି କିମ୍ପିରା ସାହି ଠାରେ ମା’ବଉଳାଶୁଣି କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ରାତ୍ରିକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିବା ବେଳେ ଏହି ମ୍ୟାଚ୍ ଦୁଇ ଦିନ ଧରି ଚାଲୁ ରହିବ । ଏଥିରେ ମୁଖ୍ୟ ଅତିଥି ଭାବେ ସନାତନ ସାହୁ ଓ ସମାଜସେବୀ ଶରତଚନ୍ଦ୍ର ସେଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଜିର ଉଦଘାଟନୀ ମ୍ୟାଚରେ ୮ଟି ଦଳ ବେଲବାହାଲି ଟିମ୍-ଏ, ବେଲବାହାଲି ଟିମ୍-ବି, ସାଇଁକୁଳ, ଶାଳପଡ଼ା, ଅତାସାହି, ବାରିଗାଁ, ଫକିରପୁର, ରାଇପୁର ଭାଗ ନେଇଥିବା ବେଳେ ଫାଇନାଲରେ ଅତାସାହି ଓ ରାଇପୁର ମଧ୍ୟରେ ମ୍ୟାଚ ଆରମ୍ଭ ହୋଇଥିଲା । ରାଇପୁର ଏକାଦଶ ପ୍ରଥମେ ବ୍ୟାଟିଂ କରି ୫ ଓଭରରେ ୪୬ ରନ୍ ସଂଗ୍ରହ କରିଥିବା ବେଳେ ଅତାସାହି ଏକାଦଶ ୫ ଓଭରରେ ୪୫ ରନ୍ ସଂଗ୍ରହ କରିଥିଲା । ଏହି ମ୍ୟାଚରେ ରାଇପୁର ଏକାଦଶ ୧ ରନ୍‌ରେ ବିଜୟୀ ହୋଇ ଟ୍ରଫି ହାସଲ କରିଥିଲା । ଏହି ଟୁର୍ଣ୍ଣାମେଣ୍ଟକୁ ସଭାପତି ଜୟରାମ ସାହୁ ଓ ସମ୍ପାଦକ କବିନ୍ଦ୍ର ସାହୁ, ଆଶିଷ ସାହୁ, ଈଶ୍ୱର ସାହୁ, ଚନ୍ଦନ ସାହୁ, ରୁଦ୍ରପ୍ରକାଶ ସାହୁ, ବିଶ୍ୱାଳ ସାହୁ, ପ୍ରାଣକୃଷ୍ଣ ସାହୁ, ରାଜା ସାହୁ, ବୁଲୁ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ଏହି ରାତ୍ରିକାଳୀନ ଟୁର୍ଣ୍ଣାମେଣ୍ଟର ଆକର୍ଷଣ ମ୍ୟାଚ୍‌କୁ ଦେଖିବା ପାଇଁ ଆଖ ପାଖ ଅଞ୍ଚଳରୁ ହଜାର ହଜାର ଦର୍ଶକ ମାନଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା ।

## ବ୍ରିଗେଡ ସ୍କୁଲର ବାର୍ଷିକ ପ୍ରତିଭା ଓ କ୍ରୀଡ଼ା ଉତ୍ସବ

**କେନ୍ଦୁଝର,୭।୧(ସମିସ):** ନରଣପୁର ସ୍ଥିତ ବିଦ୍ୟା ଜ୍ୟୋତି ଫାଉଣ୍ଡେସନ ଦ୍ୱାରା ପରିଚାଳିତ ବ୍ରିଗେଡ ସ୍କୁଲର ବାର୍ଷିକ ପ୍ରତିଭା ଓ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଘଡ଼ଘଡି ମନ୍ଦିରରୁ ମଶାଲ ଯାତ୍ରା ଆରମ୍ଭ ହୋଇ ଗ୍ରାମ ପରି ଭ୍ରମଣ କରିବା ପରେ ଦୁଇ ଦିନ ଧରି ହୋଇଥିବା ଏହି ଉତ୍ସବକୁ ଅନୁଷ୍ଠାନର ମୁଖ୍ୟ ତଥା ବିଦ୍ୟା ଜ୍ୟୋତି ଫାଉଣ୍ଡେସନର ସମ୍ପାଦିକା ଶକୁନ୍ତଳା ମହାନ୍ତ ମଶାଲରେ ଅଗ୍ନି ସଂଯୋଗ ପୂର୍ବକ କାର୍ଯ୍ୟକର୍ମର ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନରେ ପଢୁଥିବା



ଛାତ୍ର ଓ ଛାତ୍ରୀମାନଙ୍କ ମଧ୍ୟରେ ଅଂଶଗ୍ରହଣ ଓ ପ୍ରତିଯୋଗିତା ମୂଳକ ଦକ୍ଷତା ବୃଦ୍ଧି ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଯଥା ନାଚ, ଗୀତ, ପ୍ରବନ୍ଧ ଲିଖନ, କବିତା ଆବୃତ୍ତି, ଚିତ୍ରାଙ୍କନ ସମେତ ଲମ୍ବା ଦୌଡ଼, ସଟପୁଟ, ବାଧା ଦୌଡ଼, ଲମ୍ବା ଡିଆଁ, ଉଚ୍ଚ ଡିଆଁ, ଚକଲେଟ ରେସ ଆଦି ପ୍ରତିଯୋଗିତା ମନ କରି କୃତି ଛାତ୍ର ଓ ଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯିବା ସହ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଉତ୍ସବରେ ଅଭିଭାବକମାନଙ୍କ ସମେତ ଆଖପାଖ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ ।

## ୪୫ ବର୍ଷ ତଳର ସ୍ମୃତିକୁ କବିତାରେ ବ୍ୟାଖ୍ୟା କଲେ ସହପାଠୀ



**ଘସିପୁରା,୭।୧(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ଦରିଦ୍ର ନାରାୟଣ ବିଦ୍ୟାପୀଠର ୧୯୭୮ ମ୍ୟାଟ୍ରିକ ବ୍ୟାଚ ପୁରାତନ ଛାତ୍ରମାନଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ପୁରୁଣା ବାନ୍ଧଗୋଡ଼ା ତଳବନ୍ଧ ଡ୍ୟାମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଛାତ୍ର ବନ୍ଧୁ ସନ୍ତୋଷ କୁମାର ଧୀରଙ୍କ ଉଦ୍ୟମ କ୍ରମେ ଦୀର୍ଘ ୪୫ ବର୍ଷ ପରେ ନିଜର ବ୍ୟସ୍ତ ବହୁଳ କର୍ମଜଞ୍ଜାଳରୁ ବାହାରି ଏକାଠି ହୋଇ ସ୍କୁଲ ଜୀବନର ସ୍ମୃତିକୁ ମନେ ପକାଇବା ସହ ନିଜ ମଧ୍ୟରେ ଭାବ ବିନିମୟ କରିଥିଲେ । ପ୍ରଥମେ ଦିବଂଗତ ଶିକ୍ଷକ ଓ ଛାତ୍ରମାନଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯିବାପରେ ପୁରାତନ ଛାତ୍ର ସଦାନନ୍ଦ ବିଶ୍ୱାଳ କବିତା ମାଧ୍ୟମରେ ସମସ୍ତ ବନ୍ଧୁଙ୍କ ପରିଚୟ ଦେବା ସହ ଆତ୍ମଜୀବନୀକୁ ଅତି ନିଖୁଣ ଭାବେ ପରିପ୍ରକାଶ କରିଥିଲେ । ସମସ୍ତ ପୁରାତନ ଛାତ୍ରମାନଙ୍କୁ ନେଇ ଆଗାମୀ ଦିନରେ ବିଭିନ୍ନ ଜନହିତକର କାର୍ଯ୍ୟ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା । ଛାତ୍ରବନ୍ଧୁଙ୍କ ପକ୍ଷରୁ ନିରଞ୍ଜନ ଧୀର, ଅକ୍ଷୟ କୁମାର ଧୀର, ପ୍ରଦିପ କୁମାର ନାୟକ, ଶୈଳନ୍ଦ୍ର ବାରିକ, ନୃସିଂହ ବାରିକ, ଜଳଧର ବେହେରା, କୃଷ୍ଣଚନ୍ଦ୍ର ରଥ, ଶିଶିର କୁମାର ଦାସ, ରାମଚନ୍ଦ୍ର ପଣ୍ଡା, ମଙ୍ଗୁଳି ବେହେରା, ରବିନ୍ଦ୍ର ବେହେରା, ନରହରୀ ଓଝା, ନବଘନ ସାହୁ, କଳାକର ନାୟକ, ପ୍ରଫୁଲ୍ଲ ବେହେରା, ଗଗନ ବିହାରୀ ଜେନା, ବିଜୟ ସାହୁ, ଅସିତ ତ୍ରିପାଠୀ, ସୁଦାନ ସିଂ ସରଦାର ସମେତ ୩୦ରୁ ଉର୍ଦ୍ଧ୍ୱ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

### ଯୁବ ସମାଜ ପାଇଁ ଉଦାହରଣ ଯୁବଚାଷୀ ପ୍ରମୋଦ

# ଥାଇଲାଣ୍ଡ କୋଳି ଚାଷ କରିଛି ସ୍ୱାବଲମ୍ବୀ

**ତୁରୁମୁଙ୍ଗା, ୭।୧ (ସମିସ)**

ଥାଇଲାଣ୍ଡ କୋଳି କରିଛି ଆତ୍ମନିର୍ଭରଶୀଳ । କେବଳ ନିଜେ ନୁହଁ ଅନ୍ୟ ମାନଙ୍କୁ ମଧ୍ୟ ରୋଜଗାର ଦେଉଛନ୍ତି କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁରୁସୁଆଁ ପଞ୍ଚାୟତ ଡେଣୁଆଁ ଗ୍ରାମର ଯୁବ ଚାଷୀ ପ୍ରମୋଦ କୁମାର ସାହୁ । ନିଜର ୭ ଏକର ଜାଗାରେ ଫାର୍ମ ହାଉସ କରି ଗତ ୩ ବର୍ଷ ଧରି ଥାଇଲାଣ୍ଡ କୋଳି ଚାଷ କରି ଲାଭବାନ ହୋଇଛନ୍ତି ସେ । କେବଳ କୋଳି ଚାଷ ନୁହଁ ଫାଇଟର କୁକୁଡ଼ା ଚାଷ ସହ ଆମ୍ବ, ଧାନ ଆଦି ଚାଷ କରି ନିଜେ ଲାଭବାନ ହେବା ସହ ଲୋକଙ୍କୁ ମଧ୍ୟ ରୋଜଗାର ଦେଇ ପାରୁଛନ୍ତି ପ୍ରମୋଦ । ପାଟଣା ବ୍ଲକ ଡେଣୁଆଁ ଭଳି ଏକ ଗାଁରେ ଥାଇଲାଣ୍ଡ କୋଳି ଚାଷ କରି ଲାଭବାନ ହୋଇଥିବାରୁ ଅନ୍ୟ ମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି ପ୍ରମୋଦ । ଏହି କୋଳି ଦେଖିବା ପାଇଁ ଲାଲ୍ ସେଓ ଭଳି ହୋଇଥିବା ବେଳେ କୋଳି ସ୍ୱାଦ ବେଶ ସ୍ୱତନ୍ତ୍ର । ଡେଣୁଆଁ ଗ୍ରାମର ଅବସରପ୍ରାପ୍ତ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଭାଗୀରଥି ସାହୁ ଚାକିରିରୁ ଅବସର ପରେ ନିଜ ଜମିରେ ପ୍ରଥମେ ଧାନ ଓ ପନିପରିବା ଚାଷ କରି ଆସୁଥିଲେ । ଏଥିରେ ଖର୍ଚ୍ଚ ଓ ପରିଶ୍ରମ ତୁଳନାରେ ଲାଭ ହେଇ





ବର୍ଷକୁ ରୋଜଗାର ୫ଲକ୍ଷ ଟଙ୍କା

ନଥିବାରୁ ପରେ ପାରମ୍ପରିକ ଚାଷ ଛାଡିଦେଇଥିଲେ । ତେବେ ତାଙ୍କ ପୁଅ ପ୍ରମୋଦ ୟୁଟ୍ୟୁବ୍‌ରୁ ଦେଖି ଥାଇଲାଣ୍ଡ କୋଳି ଚାଷ କରିବାକୁ ମନ ବଳାଇଥିଲେ । ଏହାପରେ ଅନ୍‌ଲାଇନରେ ଚାରା ମଗାଇ ଗତ ୩ବର୍ଷ ଧରି ଥାଇଲାଣ୍ଡ କୋଳି ଚାଷ କରି ଲାଭବାନ୍ ହୋଇ ପାରିଛନ୍ତି ଯୁବ ଚାଷୀ ପ୍ରମୋଦ । ସେ ବଲ୍ ସୁନ୍ଦରୀ, ମିସ୍ ଇଣ୍ଡିଆ, ରେଡ୍ ଆପଲ୍ ଭଳି ଉନ୍ନତ କିସମର ଅତି ମିଠା ଥାଇଲାଣ୍ଡ କୋଳି ଚାଷ କରିଛନ୍ତି । ଗତବର୍ଷ ସେ ୨୫କ୍ୱିଣ୍ଟାଲ୍ କୋଳି ବିକ୍ରି କରିଥିବା ବେଳେ ଏବର୍ଷ ୫୦କ୍ୱିଣ୍ଟାଲ୍ କୋଳି ବିକ୍ରି କରି ୫ଲକ୍ଷ ଟଙ୍କା ରୋଜଗାର କରିବା ଆଶା ରଖିଛନ୍ତି । କୋଳିର ସ୍ୱାଦ ପାଇଁ ବାହାରକୁ ନଯାଇ ଘର ପାଖରେ ସମସ୍ତ କୋଳି ବିକ୍ରି ହୋଇଯାଏ ବୋଲି ପ୍ରମୋଦ କୁହନ୍ତି । ଏହା ସହ କୋଳି କିଣିବାକୁ ଦୈନନ୍ଦିନ ତାଙ୍କ ଫାର୍ମ ହାଉସକୁ ଗ୍ରାହକଙ୍କ ସୁଅ ଛୁଟିଥାଏ । ପ୍ରଥମେ ଥାଇଲାଣ୍ଡରୁ ଅନ୍‌ଲାଇନ ଜରିଆରେ ୨ଶହ ଟଙ୍କା ହିସାବରେ ୬ଶହ ଚାରା ୧ଲକ୍ଷ ୨୦ହଜାର ଟଙ୍କା ଖର୍ଚ୍ଚ କରି ମଗାଇଥିଲେ । ଏହାପରେ ସେ ଆଉ ପଛକୁ ଫେରି ଚାହିଁନାହାଁନ୍ତି । ବର୍ଷକୁ ବର୍ଷ ଏହାର ଉତ୍ପାଦନ ବଢି ଚାଲିଥିବା ବେଳେ ସେହି ପରିମାଣରେ ଲାଭ ମଧ୍ୟ ବଢିବାରେ ଲାଗିଛି । ପକ୍ଷୀଙ୍କ ଦାଉରୁ କୋଳିକୁ ରକ୍ଷା କରିବା ପାଇଁ ସେ ଗଛ ଉପରେ ନେଟ୍ ଲଗାଇଛନ୍ତି । ଏଥି ସହ କୋଳିକୁ ତୋଳିବାଠୁ ଆରମ୍ଭ କରି ନେଟିଂ କରିବା ପାଇଁ ଲୋକଙ୍କୁ ନିୟୋଜିତ କରାଇ ରୋଜଗାର ଦେଉଛନ୍ତି । ଥାଇଲାଣ୍ଡ କୋଳି ସହ ନିଜ ପ୍ରଚେଷ୍ଟାରେ ସେ ଏଠାରେ ଧାନଚାଷ, ସ୍ୱତନ୍ତ୍ର କିସମର ଆମ୍ବଚାଷ ମଧ୍ୟ କରୁଛନ୍ତି । ଏଥିରେ ପ୍ରମୋଦଙ୍କୁ ସହଯୋଗ କରିବା ପାଇଁ ପୂରା ପରିବାର ସହଯୋଗର ହାତ ବଢାଇଛନ୍ତି । ପ୍ରମୋଦଙ୍କ ପରି ଜଣେ ଶିକ୍ଷିତ ଯୁବକ ଚାକିରି ପଛରେ ନ ପଡି ନିଜସ୍ୱ ଉଦ୍ୟମରେ କୋଳି ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ରୋଜଗାର ଦେଇ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି ।

### ଗଣପର୍ବ ମକର ପାଇଁ ବ୍ୟାପକ ପ୍ରସ୍ତୁତି

# ଚଳଚଞ୍ଚଳ ହେଲାଣି ଗାଁରୁ ସହର





**ବାରିପଦା, ୭ ।୧(ସମିସ)**

ସପ୍ତାହ ପରେ ଆସିବ ମୟୂରଭଞ୍ଜ ଜିଲାର ଗଣପର୍ବ ମକର; ଯାହାର ଆଭାସ ଏବେଠାରୁ ମିଳିଲାଣି ଗାଁଠାରୁ ବଜାର ଯାଏଁ। ମକରପର୍ବର ଆଗମନ ସମସ୍ତେ ଅନୁଭବ କଲେଣି। ଆଦିବାସୀ ଗ୍ରାମଗୁଡ଼ିକରେ ମାଟିକାନ୍ଥ ଘରକୁ ସୁନ୍ଦର ହସ୍ତକଳାରେ ଆଙ୍କିବା ସହିତ ଜଳାଶୟ ତଥା ନଦୀ ପୋଖରୀ ତୁଟରେ ଘରର ଲୁଗାପଟା ସଫା କରି ଶୁଖାଯିବାର ଦୃଶ୍ୟ, ଗାଁ ପୁଅ-ଝିଅମାନେ ଜଳାଶୟ ନିକଟରେ ମକର ପଲା (କୁମା) ପାଇଁ ଡାଳ ଓ ଝଟା ଗଦା କଲେଣି। ଗାଁ ଗାଁରେ ମାଦଳର ଶବ୍ଦ ଓ ଟୁସୁଗୀତ ଅଭ୍ୟାସ ଶୁଭୁଲାଣି। ସାପ୍ତାହିକ ହାଟରେ ରଙ୍ଗବେରଙ୍ଗ ପୋଷାକଠାରୁ ଆରମ୍ଭ କରି ଲୁଗା, ଶୀତବସ୍ତ୍ର, ବାସନକୁସନ, କଳସୀ, ହାଣ୍ଡି, ମାଟି ଘୋଡ଼ା, କୁଲା ପାଛିଆ ଓ ଘରର ଆସବାବପତ୍ର ଆଦି ବିକ୍ରିବଟା ଜୋର ଧରିଲାଣି। ମୟୂରଭଞ୍ଜ ଜିଲ୍ଲାରେ ଏହି ପର୍ବ ଖୁବ ଆଡ଼ମ୍ବର ସହକାରେ ପାଳନ ହୋଇଆସୁଛି। ଏହି ପର୍ବ ଏକ କୃଷି ଭିତ୍ତିକ ପର୍ବ। ସାଧାରଣତଃ ଖରିଫ ଧାନ ଫସଲ ଅମଳ ପରେ ଚାଷ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଚାଷ ଉପକରଣକୁ ବିଶ୍ରାମ ଦେବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଚାଷୀ ପରିବାରରେ ଖଳାରେ ପୂଜା ଅନୁଷ୍ଠିତ ହୋଇଥାଏ। ଜିଲ୍ଲାରେ ବସବାସ କରୁଥିବ କୁଡୁମୀ, ଆଦିବାସୀ ଓ ସମସ୍ତ ଜନସାଧାରଣଙ୍କ ଘରେ ଘରେ ଏହି ପର୍ବ ପାଳିତ ହୋଇଥାଏ। ଜିଲ୍ଲାରେ ଏହି ପର୍ବ ୩ ଦିନ ପାଳିତ ହୋଇଥାଏ। ପୌଷ ମାସର ଶେଷ ଦିନରେ ବାଉଣ୍ଡି, ମାଘ ମାସ ସଂକ୍ରାନ୍ତି ଦିନ ମକର ଓ ୩ୟ ବା ଶେଷ ଦିନ ଆଖାନ ଭାବରେ ପାଳନ ହୋଇଥାଏ। ମକର ସଂକ୍ରାନ୍ତିରେ ସୂର୍ଯ୍ୟୋଦୟ ପୂର୍ବରୁ ଜଳାଶୟରେ ବୁଡ ପକାଇ ଗାଧୋଇଲେ ଗଙ୍ଗାସ୍ନାନର ପୁଣ୍ୟ ମିଳିଥାଏ ବୋଲି ଲୋକମତ ଥିବାରୁ ପ୍ରାୟ ସମସ୍ତେ ଗାଧୋଇ ନୂତନ ବସ୍ତ୍ର ପରିଧାନ କରିଥାନ୍ତି। ପିଠାପଣା, ମାଉଁସ ଭାତ ଭୋଜି ପ୍ରାୟ ଜିଲାର ସମସ୍ତଙ୍କ ଘରେ ଘରେ ହୋଇଥାଏ। ମକର ପର୍ବର ଟୁସୁ ମିଳନ ସବୁଠାରୁ ଆର୍ଷଣୀୟ। ଯାହା କୁଡୁମୀ ସମ୍ପ୍ରଦାୟରେ ବେଶ ଗୁରୁତ୍ୱ ବହନ କରିଥାଏ। ସେଥିପାଇଁ ଜୋରସୋରରେ ଚାଲିଛି ଟୁସୁମେଢ ପ୍ରସ୍ତୁତି। କୁମାରୀ ଓ ମହିଳାମାନେ ରାତି ସାରା ଟୁସୁଗୀତ ଗାଇ ତା ପରଦିନ ଟୁସୁଦେବୀଙ୍କ ସହିତ ଘରକୁ ଘର ବୁଲି ବିସର୍ଜନ ଦୃଶ୍ୟ ବେଶ ମନରୋମ। ବିସର୍ଜନସ୍ଥଳରେ ମେଳା ବସିଥାଏ। ଜିଲ୍ଲାର ମହୁଲିଆ, ଟୁକୁପାଳସିଆ, କୋଷ୍ଠା, ଯଶିପୁର ଓ ରାମତୀର୍ଥ ଆଦି ସ୍ଥାନରେ ଏହା ବଡ଼ଧରଣର ପାଳନ କରାଯାଇଥାଏ। ସାରସକଣାରେ ମକର



ମିଳନ ଆଡମ୍ବର ସହିତ ଅନୁଷ୍ଠିତ ହୁଏ। ଏହା ବ୍ୟତୀତ ଜିଲ୍ଲାର ପ୍ରତ୍ୟେକ ଗ୍ରାମ ଦେବତୀଙ୍କ ପାଖରେ ମକର ସଂକ୍ରାନ୍ତିରେ ପୂଜା ଅନୁଷ୍ଠିତ ହେଉଥିବା ବେଳେ ମକର ଚାଉଳ, ଗୁଡ଼ ପିଠା ଓ ଲଡୁ ଭୋଗ ଲାଗିଥାଏ। ଅନେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମେଳା ବସିଥାଏ। ଏଥିପାଇଁ ୫ ତାରିଖରୁ ଜିଲ୍ଲାର ମଠ ମନ୍ଦିର ଖୋଲା ହୋଇଥିବା ବେଳେ ସମସ୍ତେ ଉତ୍ସାହିତ। ଜିଲ୍ଲାରେ ମକର ସଂକ୍ରାନ୍ତି ଦିନ ସରକାରଙ୍କ ପକ୍ଷରୁ ଛୁଟି ଦିବସ ଘୋଷଣା ହୋଇ ଆସୁଛି। ଚଳିତ ଥର ୧୩ ତାରିଖ ଦ୍ୱିତୀୟ ଶନିବାର ଓ ୧୪ତାରିଖ ରବିବାର ଛୁଟି ପାଇଁ କ୍ରମାଗତ ୩ଦିନ ଛୁଟି ରହିଛି। ଏଣୁ ବନ୍ଧୁବର୍ଗମାନେ ନିଜର ଆତ୍ମୀୟଙ୍କ ଘରକୁ ପର୍ବ ପାଳନ ପାଇଁ ସୁଯୋଗ ଚଳିତ ଥର ଅଧିକ ରହିଛି। ଯାହାର ପ୍ରସ୍ତୁତି ପାଇଁ ବର୍ତ୍ତମାନ ଗାଁ ଠାରୁ ସହର ଯାଏଁ ବାରି ହୋଇଛି। ମକର ପରେ ଆଦିବାସୀ ସମ୍ପ୍ରଦାୟର ଦାମଦୋର ମେଳା ନଦୀନାଳ ସଙ୍ଗମ ସ୍ଥଳରେ ଅନୁଷ୍ଠିତ ହୋଇଥାଏ। ପିତୃପୁରୁଷଙ୍କୁ ଶ୍ରାଦ୍ଧ ଉଦ୍ଦେଶ୍ୟରେ ସମସ୍ତେ ଏକତ୍ରିତ ହୋଇଥାନ୍ତି।

### ଚୋରା ଚାଉଳ ଚାଲାଣ ଘଟଣା

## ବ୍ଲକ୍ ଉପାଧ୍ୟକ୍ଷଙ୍କ ପୁଅ ଗିରଫ



**ଶୁଳିଆପଦା, ୭।୧ (ସମିସ):** ଗତ ୩୧ ତାରିଖ ରାତିରେ ଶୁଳିଆପଦା ବ୍ଲକ ଉଫାଲଗଡ଼ିଆ ପଞ୍ଚାୟତରୁ ଚାଉଳ ଚୋରାଚାଲାଣ ବେଳେ ପୁଲିସ ଏକ ପିକଅପ ସହିତ ପ୍ରାୟ ୪୦ କ୍ୱିଣ୍ଟାଲ ଚାଉଳ ଜବତ୍ କରିଥିଲା। ଏଥିସହିତ ଏଥିରେ ସମ୍ପୃକ୍ତ ଥିବା ଜାମବାଦି ଗ୍ରାମର ନୀଳମାଧବ ଦାସ ଓ ମକ୍ଷିଣାକାଟି ଗ୍ରାମର ଟିକଲୁ ନାଏକକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୁଲିସ। ତେବେ ଚାଉଳ ଚାଲାଣରେ ଉକ୍ତ ୨ ଜଣଙ୍କ ସହିତ ସ୍ଥାନୀୟ ଲୋକ ପ୍ରତିନିଧି ଜଡିତ ଥିବା ବିଭିନ୍ନ ମହଲରୁ ଅଭିଯୋଗ ପରେ ପୁଲିସ ଘଟଣାକୁ ଗୁରୁତର ନେଇଥିଲା। ପୁଲିସ ତନାଘନା କଲାପରେ ଉଫାଲଗଡ଼ିଆ ପଞ୍ଚାୟତ ସମିତି ସଭ୍ୟ ତଥା ବର୍ତ୍ତମାନର ଶୁଳିଆପଦା ବ୍ଲକ ଉପାଧ୍ୟକ୍ଷ ଜ୍ୟୋତିଲାଲ ବାରିକ୍‌ଙ୍କ ପୁଅ ସୁକୁମାର (୨୮)ଙ୍କ ବିରୋଧରେ ପ୍ରମାଣ ମିଳିବାରୁ ଆଇଆଇସି ସୁମିତ୍ କୁମାର ସୋରେନ ସଦଳବଳ ଅତର୍କିତ ଚଢ଼଼ଉ କରି କାଦକୋଠା ସ୍ଥିତ ତାଙ୍କ ବାସଭବନରୁ ଗିରଫ କରିଥିଲା। ତେବେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କହୁଥିବା ଅନ୍ୟ ଜଣେ କୌଶଳକ୍ରମେ ଖସି ପଳାଇଛି। ଗିରଫ ସୁକୁମାରକୁ ଗତକାଲି ଥାନାକୁ ଆଣିବା ପରେ ଆଜି ତାଙ୍କର ଡାକ୍ତରୀ ପରୀକ୍ଷା ପରେ ପୁଲିସ ଏକ ମାମଲା ରୁଜୁକରି କୋର୍ଟଚାଲାଣ କରିଛି। ମୁଖ୍ୟ ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ ତନାଘନା ଚଳାଇଛି।

## ଆହ୍ୱାନର ମୁଖପତ୍ର 'କ୍ରେଷ୍ଟ' ଲୋକାର୍ପିତ



**ବାରିପଦା, ୭ ।୧(ସମିସ):** ସରକାରୀ ମହିଳା ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅଗ୍ରଣୀ ଅନୁଷ୍ଠାନ ଆହ୍ୱାନ ଆନୁକୂଲ୍ୟରେ ବିଜ୍ଞାନ ଭିତ୍ତିକ ଗବେଷଣାତ୍ମକ ପତ୍ରିକା 'କ୍ରେଷ୍ଟ'ର ତୃତୀୟ ସଂସ୍କରଣ ଲୋକାର୍ପିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ବୈଜ୍ଞାନିକ ତଥା ଚାନ୍ଦିପୁର ଡିଆରଡିଓର ଅତିରିକ୍ତ ନିର୍ଦ୍ଦେଶକ ଡ. ନୀଳାଦ୍ରି ରୟ, ସମ୍ମାନିତ ଅତିଥି ଭାବେ ଇଣ୍ଡିଆନ ଅଏଲର ପରିଚାଳକ ପ୍ରବୀର ଚାନ୍ଦ ଯାଦବ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସାଗରିକା ସିଂହ ଓ କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ଜ୍ୟୋତିର୍ମୟୀ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଡ. ତରୁଣ କୁମାର ଓଝା ଅତିଥି ପରିଚୟ ଓ ସଭାପତି ପଦ୍ମନାଭ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଦୀପ ପ୍ରଜ୍ୱଳନ ପରେ ଅଧ୍ୟକ୍ଷା ଡ. ସିଂହ ଓ ସମସ୍ତ ଅତିଥି 'କ୍ରେଷ୍ଟ'କୁ ଉନ୍ମୋଚନ କରିଥିଲେ। ପରେ ଡ. ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆବାହକ ସତ୍ୟଦୀପ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ମହାବିଦ୍ୟାଳୟର ଡ. ଅନୁପମା ଭୋଳ, ଡ. ସ୍ୱାଗତିକା ମିଶ୍ର, ସୁନିତା ପ୍ରଧାନ, ସତ୍ୟସୌରଭ ବେହେରା, ଦିନେଶ କୁମାର ନାୟକ, ମାନସ ରଞ୍ଜନ ଶୁକ୍ଳା, ଚରକ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡ. ପ୍ରକାଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଦଳ ବିରୋଧୀ କାମ ପାଇଁ ବିଜେଡିରୁ ହର୍ଷବର୍ଦ୍ଧନ ନିଲମ୍ବିତ



**ବାରିପଦା, ୭ ।୧(ସମିସ):** ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜୁ ଛାତ୍ର ଜନତା ଦଳରୁ ରବିବାର ମୟୂରଭଞ୍ଜ-୧ ଜିଲ୍ଲା ଉପସଭାପତି ହର୍ଷବର୍ଦ୍ଧନ ମୁଦୁଲିଙ୍କୁ ନିଲମ୍ବିତ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ନେଇ ଅଭିଯୋଗ ହେବା ପରେ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତି ସୁନୀଲ କୁମାର ନାୟକ ତାଙ୍କୁ ଦଳରୁ ନିଲମ୍ବିତ କରିଥିବା ନେଇ ବିଜ୍ଞପ୍ତି ପ୍ରକାଶ କରିଛନ୍ତି।

## ଏମ୍‌ପିସି କଲେଜରେ ବକ୍ତୃତା କାର୍ଯ୍ୟକ୍ରମ

**ବାରିପଦା, ୭ ।୧(ସମିସ):** ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ପ୍ଲାଟିନମ ଜୁବୁଲି ପାଳନ ଅବସରରେ ଏକ ପ୍ରେରଣାଦାୟୀ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଏଜି ତଥା ଏମପିସିର ପୁରାତନ ଛାତ୍ର ଗିରୀଶ ମୁର୍ମୁ ଯୋଗଦେଇ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ। ଶ୍ରୀ ମୁର୍ମୁ କଲେଜରେ ଅପରାହ୍ନରେ ପହଞ୍ଚିବା ପରେ ଛାତ୍ରଛାତ୍ରୀ ଓ କର୍ମଚାରୀ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଏହି ଅବସରରେ 'ମୟୂରଭଞ୍ଜ ଜିଲ୍ଲାର ସାମାଜିକ-ଆର୍ଥିକ ବିକାଶ' ଶୀର୍ଷକ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ପ୍ରଫେସର ମୁକ୍ତିକାନ୍ତ ପଣ୍ଡା ସ୍ୱାଗତ ଅଭିଭାଷଣ ରଖିଥିଲେ। କେବଳ ପାଠ ନୁହେଁ, ଅନ୍ୟାନ୍ୟ ବ୍ୟକ୍ତିତ୍ୱ ଗଠନ ବିଷୟରେ ଛାତ୍ରଛାତ୍ରୀ ରୁଚି ରଖିବା ମଧ୍ୟ ଆବଶ୍ୟକ ବୋଲି କହିଥିଲେ। ଜୀବନରେ ସଫଳତା ହାସଲ୍ ପାଇଁ କିଛି ସର୍ଟକଟ୍ ରାସ୍ତା ନାହିଁ। ଉଦ୍ୟମ ଓ କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି ଶ୍ରୀ ମୁର୍ମୁ କହିଥିଲେ। ପ୍ରଶାସନିକ ମୁଖ୍ୟ ଡ଼. ଦୀପକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଟାଉନ ପୁଲିସ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା



**ବାରିପଦା, ୭।୧(ସମିସ):** ବାରିପଦା ଟାଉନ ଥାନା ପୁଲିସ ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡ଼ବଜାର ସ୍ଥିତ ଥାନା ସମ୍ମୁଖରେ ରବିବାର ଯାନବାହନ ଚାଳନ ସମୟରେ ନିୟମ ପାଳନ ନେଇ ସଚେତନ କରାଯାଇଛି। ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ନେତୃତ୍ୱରେ ଅନ୍ୟ ପୁଲିସ କର୍ମଚାରୀ ଏବଂ ପରିବହନ ବିଭାଗ କର୍ମଚାରୀ ଉପସ୍ଥିତ ରହି ନିୟମ ସଚେତନ ବାଇକ ଚାଳକଙ୍କୁ ପୁଷ୍ପ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ଏମପିସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରେଡ୍‌କ୍ରସ ଛାତ୍ରଛାତ୍ରୀ ବିଭିନ୍ନ ସଚେତନତା ଧର୍ମୀ ପ୍ଲାକାର୍ଡ ଧରି ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ବିଶେଷ କରି ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡି ଚାଳନା ନ କରିବା, ଦୁଇ ଚକିଆ ଯାନ ଚାଳନା ସମୟରେ ଉଭୟ ହେଲମେଟ ପିନ୍ଧିବା, ସିଟବେଲ୍ଟ ବ୍ୟବହାର, ମଦପିଇ ନିଶାଶକ୍ତ ହୋଇ ଗାଡି ନ ଚଳାଇବା, ଅତ୍ୟଧିକ ଦ୍ରୁତଗତିରେ ଯାନ ନ ଚଳାଇବା, ଗାଡି ଚାଳନା ସମୟରେ ଟ୍ରାଫିକ ନିୟମ ପାଳନ କରିବା ଆଦି ସମ୍ପର୍କରେ ସଚେତନ କରାଯାଇଥିଲା।

## ଏଟିଏମ୍‌ରୁ ଚୋରି ଉଦ୍ୟମ ବିଫଳ

**କୁଆମରା, ୭।୧(ସମିସ):** ଗୋପବନ୍ଧୁନଗର ବ୍ଲକ କୁଆମରାରେ ଥିବା ଏସ୍.ବି.ଆଇ ଏଟିମ୍‌ରୁ ଦୁର୍ବୃତ୍ତମାନେ ଗତକାଲି ରାତିରେ ଚୋରି ଉଦ୍ୟମ କରି ବିଫଳ ହୋଇଛନ୍ତି। ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଚୋରି କରିବାକୁ ଉଦ୍ୟମ କରୁଥିବା ବେଳେ ବମ୍ବେ କାର୍ଯ୍ୟାଳୟ ସୂଚନା ପାଇବା ପରେ ମୟୂରଭଞ୍ଜ ପୋଲିସକୁ ସତର୍କ କରାଇଥିଲା। ସଂଗେ ସଂଗେ କୁଆମରା ଫାଣ୍ଡିକୁ ଜଣାଇବାରୁ ପୁଲିସ ପହଞ୍ଚିଲା ବେଳକୁ ଦୁର୍ବୃତ୍ତମାନେ ଖସି ପଳାଇଥିଲେ। ଡିଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ତନାଘନା ଆରମ୍ଭ ହୋଇଥିଲା। ଖବର ପାଇ ଉଦଳା ଉପଖଣ୍ଡ ପୁଲିସ ଅଧିକାରୀ ସାର୍ଥକ ରାୟ, ଉଦଳା ଥାନା ଅଧିକାରୀ ବନମାଳୀ ବାରିକ, କୁଶଳଦା ଫାଣ୍ଡି ଅଧିକାରୀ ଗୋଲକ ବିହାରୀ ମିଶ୍ର, କୁଆମରା ଫାଣ୍ଡି ଅଧିକାରୀ ଉପେନ୍ଦ୍ର ଗଛାୟତ, ବୈଶିଙ୍ଗା ଥାନା ଅଧିକାରୀଙ୍କ ସମେତ ବିଭିନ୍ନ ସ୍ଥାନରୁ ପୁଲିସ ପହଞ୍ଚି ତଦନ୍ତ ଚଳାଇଛି; ହେଲେ ପୁଲିସ ଦୁର୍ବୃତ୍ତଙ୍କ କୌଣସି ଟେର୍ ପାଇନାହିଁ। ଦୁର୍ବୃତ୍ତମାନେ ଏକ ସିଲିଣ୍ଡର ଗ୍ୟାସ ଛାଡିଦେଇ ପଳାଇଛନ୍ତି।

## କୁନି ବୈଜ୍ଞାନିକଙ୍କୁ ପୁରସ୍କାର ପ୍ରଦାନ



**ବାରିପଦା, ୭ ।୧(ସମିସ):** ମହାରାଜା କୃଷ୍ଣଚନ୍ଦ୍ର (ଏମକେସି) ଉଚ୍ଚ ବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ବାଲ୍‌ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଏମକେସି ହାଇସ୍କୁଲର ୧୯୯୪ ବ୍ୟାଚ୍ ତରଫରୁ କୁନି ବୈଜ୍ଞାନିକଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଉତ୍କୃଷ୍ଟମାନର ପ୍ରକଳ୍ପ ପ୍ରସ୍ତୁତ କରିଥିବା ଏମକେସି ହାଇସ୍କୁଲର ଶୁଭଶ୍ରୀ ମହାନ୍ତଙ୍କୁ ୧୦ ହଜାର, ବାଲ୍‌କା ହାଇସ୍କୁଲର ଛାତ୍ର ଅଙ୍କିତ କୁମାର ପଣ୍ଡାଙ୍କୁ ୫ ହଜାର, ଜୟପୁର ହାଇସ୍କୁଲର ଛାତ୍ର ବିଶ୍ୱଜିତ ରାଜ, ମାଧପୁର ହାଇସ୍କୁଲର ଛାତ୍ର ଜ୍ୟୋତିରାଜ ପଣ୍ଡା, ଏସଏସଭିଏମ ସାରସକଣାର ଛାତ୍ର ଦୁଃଖିଶ୍ୟାମ ମୁର୍ମୁ, ସରକାରୀ ଉଚ୍ଚ ବିଦ୍ୟାଳୟ ଠାକୁରମୁଣ୍ଡାର ଛାତ୍ର ସୌଭାଗ୍ୟ ସୌରଭ ପଲେଇ ଓ ଏସଏସଡି ବାଳିକା ବିଦ୍ୟାଳୟ ବାହାନଡାର ସୁଖୀ ଟୁଡୁ ପ୍ରତ୍ୟେକଙ୍କୁ ୩ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗର ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ସମ୍ମାନିତ ଅତିଥି ମୋରଡା ବିଧାୟକ ରାଜକିଶୋର ଦାସ, ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ମୁଖ୍ୟବକ୍ତା ଡିଆରଡିଓର ଅତିରିକ୍ତ ନିର୍ଦ୍ଦେଶକ ଡ.ନିଳାଦ୍ରୀ ରାୟ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପୂର୍ବତନ ବିଜ୍ଞାନ ପରିଦର୍ଶକ ଅମିତାଭ ମିଶ୍ର ସଂଯୋଜନା କରିଥିବା ବେଳେ ୧୯୯୪ ଆଲୁମିନି ବ୍ୟାଚ୍‌ର ସଭାପତି ଅଭିସାର ନାୟକ ଓ ସନତ କୁମାର ପ୍ରହରାଜ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମଦ ସହ ଅଟୋ ଜବତ

**କୁଆମରା, ୭।୧(ସମିସ):** କୁଶଳଦା ଫାଣ୍ଡି ଅଧୀନ ବରଡିହି ପଞ୍ଚାୟତ ପରିଛିପୁରଠାରେ ପୁଲିସ ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଥାନା ଅନ୍ତର୍ଗତ କଣ୍ଟିସାହି ଗ୍ରାମର ପ୍ରଭାତ ମହାନ୍ତିଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛନ୍ତି। ଏଥିସହିତ ଏକ ଅଟୋକୁ ଜବତ କରି ଥାନାରେ ଅଟକ ରଖିଛି ପୁଲିସ। ଅଭିଯୁକ୍ତ ଠାରୁ ୧୧୦ ଲିଟର ଦେଶୀ ମଦ ଜବତ ହୋଇଛି। ସେହିପରି ଦାମାସାହି ସାପ୍ତାହିକ ହାଟରେ ବେଆଇନ ମଦ କାରବାର ଅଭିଯୋଗରେ ଜୟପୁର ପଞ୍ଚାୟତ ଦାମାସାହି ଗ୍ରାମର ଲକ୍ଷ୍ମୀମଣି ସିଂଙ୍କୁ ଗିରଫ କରି ତା'ଠାରୁ ୧୦ ଲିଟର ଦେଶୀ ମଦ ଜବତ ହୋଇଛି। ପରେ ଅଭିଯୁକ୍ତକୁ ନୋଟିସ ଜାରି କରି ଛାଡି ଦିଆଯାଇଛି।

## ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ରାଇରଙ୍ଗପୁର, ୭ ।୧(ସମିସ):** ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦ ଅନ୍ତର୍ଗତ ମୋହୁଲଡିହା ଯୁବ ଗୋଷ୍ଠୀଙ୍କ ଉଦ୍ୟମରେ ସ୍ୱର୍ଗତ ସନୁ ମେମୋରିଆଲ ତରଫରୁ ଜିଲ୍ଲାସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ରାଇରଙ୍ଗପୁର ଆଦିବାସୀ ହରିଜନ ଉନ୍ନୟନ କଲ୍ୟାଣ ବିଭାଗ ଅଧିକାରୀ ଫିତା କାଟି ଶୁଭାରମ୍ଭ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲାର ୮ ଟି ଦଳ ଅଂଶ ଗ୍ରହଣ କରିଛନ୍ତି ବୋଲି ପରିଚାଳକ ସୁରେଶ କୁମାର ମାଝୀ ସୂଚନା ଦେଇଛନ୍ତି। ମହୁଲଡିହା, ଭଞ୍ଜକିଆ, ଗୋଡପଲସା, ଯଶିପୁର, କୁରୁତା, ନୂଆବନ୍ଧ, ହାଟବାଦଡା ଓ ବଡାମତଳିଆ ଦଳ ଖେଳୁଛନ୍ତି। ଖେଳାଳିଙ୍କୁ ଗୁରୁପ୍ରସାଦ ଘୋଷାଲ୍ ସ୍ୱାଗତ କରିଥିଲେ।

## ରାଷ୍ଟ୍ରପତିଙ୍କ ଗାଁରେ ପହଞ୍ଚିଲା ରାମ ମନ୍ଦିର ପ୍ରତିଷ୍ଠା ଅକ୍ଷତ



**ରାଇରଙ୍ଗପୁର, ୭ ।୧(ସମିସ):** ଅଯୋଧାରେ ରାମ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କ ଗ୍ରାମ ଉପରବେଡାର ଆରାଧ୍ୟ ଦେବତା ବଟକେଶ୍ୱର ବାବାଙ୍କ ନିକଟରେ ୧୪ଟି କଳସ ପୂଜାର୍ଚ୍ଚନା କରାଯାଇଥିଲା। କର୍ତ୍ତାଭାବେ ବିଏମଏସ୍‌ର ତ୍ରିନାଥ ମହାନ୍ତ ସସ୍ତ୍ରୀକ ଦାୟିତ୍ୱ ନିଭାଇଥିଲେ। ପୂଜକ ଭାବେ ସଞ୍ଜୟ ଷଡଙ୍ଗୀ ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମ ଭାରତୀୟ ମଜଦୁର ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପରବେଡା ବଟକେଶ୍ୱର ବାବା, ଗ୍ରାମ ଦେବତା ଜାହେରା, ସିଦ୍ଧୁକେଶ୍ୱରୀ ମହାଦେବ ଓ 'ମାଖ କମଳା - ବିମଳା ମନ୍ଦିରରେ ଥିବା କାର୍ଯ୍ୟକର୍ତ୍ତାଙ୍କୁ ଅକ୍ଷତ କଳସ ଓ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଥିଲା। ପରେ ରାମଭକ୍ତଙ୍କ ଦ୍ୱାରା କଳସ ଯାତ୍ରା କରି ଘରେ ଘରେ ଅକ୍ଷତ ଓ ନିମନ୍ତ୍ରଣ ଦିଆଯାଇଥିଲା। ଏଥିରେ ଭାରତୀୟ ମଜଦୁର ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ଜିଲ୍ଲା ସଭାପତି ସରସ୍ୱତୀ ଟୁଡୁ, ବିଏମ୍‌ଏସ୍‌ର ରାଜ୍ୟ ଅଧିକାରୀ ନିଗମାନନ୍ଦ ପଟ୍ଟନାୟକ, ଶ୍ରୀରାମ ଅକ୍ଷତ ଯାତ୍ରାର ଜିଲ୍ଲାପାଳକ ବୀର କିଶୋର ମହାନ୍ତ (ଟିକି ଭାଇ), ଡମ୍ବରୁଧର ମହାନ୍ତ, ପ୍ରଶାନ୍ତ କୁମାର ମହାକୁଡ, ମୋହନ କୁମାର ଗିରି, ପରେଶ ଚନ୍ଦ୍ର ଗିରି ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସମସ୍ତ ରାମ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

# ଜଜଗୋଡ଼ା ଓ ଚାଡ୍ରିରେ ପେସା ଗ୍ରାମସଭା ପ୍ରତିଷ୍ଠା ଦିବସ ପାଳିତ

**ଝରାଡିହି, ୭।୧(ସମିସ)**




ବହଳଦା ବ୍ଲକ ଅନ୍ତର୍ଗତ ଗିଦିଘାଟୀ ପଞ୍ଚାୟତ ଜଜଗୋଡା ଓ ଚାଡ୍ରିଠାରେ ୬ଷ୍ଠ ତମ ପେସା ଗ୍ରାମସଭା ପ୍ରତିଷ୍ଠା ଦିବସ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଗ୍ରାମ ମୁଣ୍ଡ ସୀମାନ୍ତରେ ସ୍ଥାପିତ ପେସା ଆଇନ୍ ଉଲ୍ଲିଖିତ ପଥରଶିଳା ପର୍ଯ୍ୟନ୍ତ ଆଦିବାସୀମାନେ ପାରମ୍ପରିକ ବାଦ୍ୟ ନୃତ୍ୟରେ ଗ୍ରାମ ନାଏକେ (ପୂଜକ)ଙ୍କୁ ପାଛୋଟି ଆଣିବା ପରେ ରୀତିନୀତି ଅନୁସାରେ ପୂଜାପାଠ କରାଯାଇଥିଲା। ପରେ ପାରମ୍ପରିକ ପରିଧାନରେ ମହିଳା ଏବଂ ପୁରୁଷମାନେ ପୂଜା ହୋଇଥିବା ପେସା ଆଇନ୍ ଉଲ୍ଲିଖିତ ପଥରଶିଳା ସମ୍ମୁଖରେ ଗ୍ରାମର ମଙ୍ଗଳ କାମନା କରି ମୁଣ୍ଡିଆ ମାରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ପଳସା ପିଲ୍ ପାରଗାନା ଭାଗୀରଥି ହାଁସଦା, ବାବାତିଲକା ଲାଇବ୍ରେରୀ ସଭାପତି ରାମଚନ୍ଦ୍ର ହେମ୍ବ୍ରମ, ବାବାତିଲକା ଲାଇବ୍ରେରୀ ପ୍ରତିଷ୍ଠାତା ସମ୍ପାଦକ ରାମଦାସ ମୁର୍ମୁ, ବହଳଦା ବ୍ଲକ ପେସା ଗ୍ରାମସଭା ସଂଯୋଜକ ବସନ୍ତ ସାଣ୍ଡିଲ, ପାଳସା ପିଲ୍ ପାରଗାନା ମାହାଲ କୋଷାଧ୍ୟକ୍ଷ କାଲ୍ୟାନ ହେମ୍ବ୍ରମ, ମାନବାଧିକାର ରକ୍ଷକ ସଂଗଠନ (ଆଇଏଚଆରଡି) ବହଳଦା ବ୍ଲକ ବୋର୍ଡ ସଭାପତି ପୀତାମ୍ବର ମୁର୍ମୁ, ଗିଦିଘାଟୀ ପଞ୍ଚାୟତ ବୋର୍ଡ ସଭାପତି ମହନ ମାହାଲି, ଭିତରାମଦା ବୋର୍ଡ ସଭାପତି ଦେବଦତ୍ତ ରାମସ୍ୱରୂପ ଟୁଡୁ ଏବଂ ଲେବ ସୋରେନ୍ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଏକ ସାଧାରଣ ସଭାର ଆୟୋଜିତ ହୋଇଥିଲା। ସଭାରେ ଅତିଥିମାନେ ଗ୍ରାମବାସୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ପେସା ଆଇନ୍ ସମ୍ବନ୍ଧରେ ଆଲୋଚନା କରିଥିଲେ। ରାଜ୍ୟରେ ପେସା ଆଇନ୍ ବଳବତ୍ତର ଭାବେ ଲାଗୁ କରାଯିବା ନେଇ ଆନ୍ଦଳନରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। ଚାଡ୍ରୀଠାରେ ମାଝୀବାବା ଶ୍ୟାମସୁନ୍ଦର ହାଁସଦା, ନାଏକେ ସୁନାରାମ ହାଁସଦା, କୁଡାମ ନାଏକେ ପିତାମ୍ବର ଟୁଡୁ, ସାଗୁନ ସୁପାଡି ସୁନାରାମ ହାଁସଦା, ଗ୍ରାମସଭା ସମ୍ପାଦକ ସିତଲ ହାଁସଦା ଏବଂ ସଭାପତି ସୁନାରାମ ହାଁସଦା ତଥା ଜଜଗୋଡା ଗ୍ରାମରେ ନାଏକେ ଧନୁରାମ ବାସ୍କେ, ମାଝୀ-ବାବା ଧନୁ ମାଝୀ, ପେସା ଗ୍ରାମସଭା ସଭା ସଭାପତି ସୁରାଇ ସରେନ୍, ଫାଗୁ ହାଁସଦା, ସୁରଧାନ ଟୁଡୁ ଏବଂ କାହ୍ନାଇ ମୁର୍ମୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗରିବ, ଅସହାୟଙ୍କୁ କମ୍ବଳ ବଣ୍ଟନ



**ଖୁଣ୍ଟ, ୭।୧(ସମିସ):** ମାନବ ସେବା ହିଁ ମାଧବ ସେବା। ଏହି ଭାବନା ନେଇ ଏ ଅଞ୍ଚଳର ଅଗଣିତ ଦୁସ୍ଥ, ଗରିବ ଓ ଅନାଥଙ୍କ ସେବାରେ ସମର୍ପିତ ଖୁଣ୍ଟର ମା' କୀଚକେଶ୍ୱରୀ ସେବାସଦନ। ଗତ ୨୦୧୯ ମସିହାରୁ ଏହି ଅନୁଷ୍ଠାନ ବିଭିନ୍ନ ସମୟରେ ରକ୍ତଦାନ ଶିବିର, ଘରପୋଡି ବିପନ୍ନ ପରିବାରକୁ ସହାୟତା ପ୍ରଦାନ, ଗରିବ ରୋଗୀ ତଥା ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇଆସୁଛି। ଚଳିତ ଶୀତଋତୁର ହାଡଭଙ୍ଗା ଶୀତ କାକରରେ ଗରିବ, ଅସହାୟ ବୃଦ୍ଧ ବୃଦ୍ଧା, ଦିବ୍ୟାଙ୍ଗମାନଙ୍କ ନିମନ୍ତେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଜାରିରଖିଛି। ସେବାସଦନର ସଭାପତି ସୁମନ୍ତ କୁମାର ଗିରି (ଝୁଲୁ ଭାଇ)ଙ୍କ ତତ୍ତ୍ୱାବଧାନରେ ହିମାଂଶୁ ଶେଖର ନାଏକ, ସମୀର ନାଏକ, ମାନସ ଘଡ଼ାଇ, ନଗେନ ପାଲ, ପ୍ରଶାନ୍ତ ମିଶ୍ର, ଶଶୀଭୂଷଣ ମିଶ୍ର, ଇଂ. ଡକ ହେସା, ଡାକ୍ତର ଶାନ୍ତନୁ କୁମାର ଟୁଡୁ, କେଦାର ବେହେରା, ସୁଭଦ୍ରା ଦେଓ ଓ ସୁବାସିନୀ ଦେଓ ପ୍ରମୁଖ ସହଯୋଗ କରୁଛନ୍ତି।

## କେନ୍ଦୁଝରରୁ ଅପହୃତା ନାବାଳିକା ଉଦ୍ଧାର

**ବାରିପଦା, ୭ ।୧(ସମିସ):** ଭଞ୍ଜପୁର ଅଞ୍ଚଳରୁ ଅପହୃତା ଜୈନିକା ନାବାଳିକାକୁ କେନ୍ଦୁଝର ଜିଲ୍ଲାରୁ ପୁଲିସ ଉଦ୍ଧାର କରିଛି। ଶନିବାର ଭଞ୍ଜପୁର ଥାନା ପୁଲିସ ସମ୍ପୃକ୍ତ ନାବାଳିକାଙ୍କୁ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଭଞ୍ଜପୁର ଥାନା ଅନ୍ତର୍ଗତ ଅଞ୍ଚଳର ଜୈନିକା ନାବାଳିକା ଅପହରଣ ହୋଇଥିବାର ନେଇ ଲିଖିତ ଅଭିଯୋଗ ହୋଇଥିଲା। ଏହାକୁ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କେନ୍ଦୁଝର ଜିଲ୍ଲାର ସାହାରପଡା ଅଞ୍ଚଳରୁ ନାବାଳିକାକୁ ଉଦ୍ଧାର କରିଛି।

## କଲେଜ ପ୍ରତିଷ୍ଠାତାଙ୍କ ପରଲୋକ



**ବହଳଦା,୭ ।୧(ସମିସ):** ବହଳଦା ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ରାମସେବକ ସାହୁଙ୍କ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଶନିବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୨ ବର୍ଷ ହେଇଥିଲା। ସେ ନିଜ ପିତାଙ୍କ ନାମରେ ବହଳଦାଠାରେ ଧୀରଜ ଲାଲ କଲେଜ ଓ ମା' ବସୁମତୀଙ୍କ ନାଁରେ ମହିଳା ଛାତ୍ରୀ ନିବାସ ପ୍ରତିଷ୍ଠା କରିଛନ୍ତି। ବୈଷୟିକ ଶିକ୍ଷା ପାଇଁ ଶିରିଡ଼ି ସାଇ ଆଇଟିଆଇ ମଧ୍ୟ ପ୍ରତିଷ୍ଠା କରିଛନ୍ତି। କଲେଜ ପ୍ରତିଷ୍ଠା ଦିନରୁ ସେ ଉନ୍ନତି ପାଇଁ ଅହରହ ଉଦ୍ୟମ ଚଳାଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ତାଙ୍କର ମୃତଶରୀର ଗାଁରେ ପହଞ୍ଚିବା ପରେ ଆତ୍ମୀୟସ୍ୱଜନ ଶେଷ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ନେସା ନଦୀକୂଳରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା।

## ଶତାୟୁ ଧର୍ମପ୍ରାଣାଙ୍କ ବିୟୋଗ

**ବେତନଟୀ,୭ ।୧(ସମିସ):** ବେତନଟୀ ଉପକଣ୍ଠ ବଙ୍ଗଳା ଛକରେ ରହୁଥିବା ଶତାୟୁ ଧର୍ମପ୍ରାଣା ମହିଳା ସ୍ୱର୍ଗତ କହ୍ନେଇଚରଣ ନାଥଙ୍କ ଧର୍ମପତ୍ନୀ ହାରାମଣି ନାଥ (୧୦୨)ଙ୍କ ଶନିବାର ସକାଳେ ଦେହାନ୍ତ ହୋଇଯାଇଛି। କିଛିଦିନ ହେବ ତଳେ ପଡିଯାଇଥିବାରୁ ଅସୁସ୍ଥ ହୋଇପଡିଥିଲେ। ତେବେ ଶନିବାର ସକାଳେ ତାଙ୍କ ବାସଭବନରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଗାଁ ଶ୍ମଶାନରେ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଥିବା ବେଳେ ସାନପୁଅ ପ୍ରଦୀପ ମୁଖାଗ୍ନି ଦେଇଥିଲେ।

## ଜୁନିୟର ରେଡ୍‌କ୍ରସ ପ୍ରଶିକ୍ଷଣ ଶିବିର



**ରାଇରଙ୍ଗପୁର,୭ ।୧(ସମିସ):** ମୟୂରଭଞ୍ଜ ଜିଲ୍ଲାର ବାମନଘାଟି ଉପଖଣ୍ଡ ଓ ପାଞ୍ଚପୀଢ ଅନ୍ତର୍ଗତ ୧୨ଟି ବ୍ଲକର ଜୁନିୟର ରେଡ୍‌କ୍ରସ କାଉନସେଲରଙ୍କୁ ନେଇ ବାଦାମପାହାଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ସବିତା ବେହେରା ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ସ୍ମୃତିରଞ୍ଜନ ପାଣି ସ୍ୱାଗତ ଅଭିଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ଜୁନିୟର ରେଡ୍‌କ୍ରସ ଅଧିକାରୀ ଲକ୍ଷ୍ମଣ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପ୍ରଶିକ୍ଷକ ସତ୍ୟନାରାୟଣ ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ପ୍ରଶିକ୍ଷକ ମନୋଜ କୁମାର ଜେନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

### ସମସ୍ୟାରେ ବଡ଼ସାହି ପ୍ରାଣୀ ଚିକିତ୍ସାଳୟ

# ସକାଳେ ଖୋଲା; ଅପରାହ୍ଣରେ ତାଲା

**ବଡସାହି,୭।୧(ସମିସ)**

ସଂପ୍ରତି ବଡସାହି ପ୍ରାଣୀ ଚିକିତ୍ସାଳୟଟି ବିଭିନ୍ନ ସମସ୍ୟା ଦେଇ ଗତିକରୁଛି। ଅଧିକାଂଶ ସମୟରେ ପରାମର୍ଶ ତଥା ପଶୁପକ୍ଷୀଙ୍କୁ ନେଇ ଚିକିତ୍ସାଳୟକୁ ଆସୁଥିବା ଲୋକେ ଚିକିତ୍ସାଧିକାରୀଙ୍କୁ ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଏହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ରବିବାର ସକାଳ ଓଳି ଚିକିତ୍ସାଳୟ ଖୋଲା ରହିବା ନିୟମ ଥିବାବେଳେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ଫଳରେ ଲୋକେ ଗୃହପାଳିତ ପଶୁ ପକ୍ଷୀଙ୍କ ନେଇ ଆସି ନିରାଶରେ ଫେରିଯାଇଥିଲେ। ଏ ନେଇ କେତେକ ବ୍ୟକ୍ତି ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ୧୦ଟା ପରେ ମଧ୍ୟ ଏହି ଚିକିତ୍ସାଳୟରେ ତାଲା ଝୁଲୁଥିବା ବେଳେ ଚିକିତ୍ସାଧିକାରୀ କିମ୍ବା କୌଣସି କର୍ମଚାରୀଙ୍କ ମଧ୍ୟ ଦେଖିବାକୁ ମିଳି




ନ ଥିଲା। ଚିକିତ୍ସାଳୟରେ ତାଲା ପକାଇ ସମସ୍ତ ଅଧିକାରୀ ଓ କର୍ମଚାରୀ ବାହାରକୁ ଭୋଜି କରିବାକୁ ଯାଇଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଚିକିତ୍ସାଳୟ ବନ୍ଦ କରି ସମସ୍ତେ ଭୋଜି କରିବାକୁ ବାହାରକୁ ଯିବା ପାଇଁ କେଉଁ ଅଧିକାରୀ ଅନୁମତି ଦେଇଛନ୍ତି ଏହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ, ଚିକିତ୍ସାଳୟଟି ସକାଳେ ଖୋଲା ରହୁଥିବା ବେଳେ ଉପର ଓଳି ଅଧିକାଂଶ ସମୟରେ ବନ୍ଦ ରହୁଛି। ଚିକିତ୍ସକଙ୍କ ଦେଖା ନ ଥିବା ବେଳେ କାର୍ଯ୍ୟରତ ଆଟେଣ୍ଡାଣ୍ଟ ବାହାରେ ବସି ବସି ଘରକୁ ଫେରୁଛନ୍ତି। ଏପରିକି ସକାଳ ଓଳି ୧୦.୩୦/୧୧ଟା ପରେ ମଧ୍ୟ ଲୋକେ ଚିକିତ୍ସାଧିକାରୀଙ୍କୁ ନ ପାଇ ନିରାଶ ଫେରୁଛନ୍ତି। ଚିକିତ୍ସାଧିକାରୀ ବଡସାହିରେ ନ ରହି ବାହାରେ ରହୁଥିବାରୁ ଏପରି ସମସ୍ୟା ଉପୁଜୁ ଥିବା ଅଭିଯୋଗ ହେଉଛି।

**ଚିକିତ୍ସାଧିକାରୀଙ୍କୁ ନ ପାଇ ନିରାଶରେ ଫେରୁଛନ୍ତି ଲୋକେ**

ଏପରି ସମସ୍ୟା ଲାଗି ରହିଲେ ସ୍ଥାନୀୟ ଲୋକେ ଚିକିତ୍ସାଳୟରେ ତାଲା ପକାଇବା ପାଇଁ ସଜବାଜ ହେଉଥିବା ମଧ୍ୟ ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ତେଣୁ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସର୍ବସାଧାରଣରେ ଦାବି ହୋଇଛି। ଏହାବ୍ୟତୀତ ସାନକେରକ ଚିକିତ୍ସା କେନ୍ଦ୍ରଟି ମଧ୍ୟ ଅବ୍ୟବସ୍ଥା ଦେଇ ଚାଲୁଛି। ବଡସାହି ଚିକିତ୍ସାଳୟ ଅଧୀନରେ କାର୍ଯ୍ୟକରୁଥିବା ୧୨ଟି ଏଲ.ଆଇ (ପ୍ରାଣୀଧନ ନିରୀକ୍ଷକ) ଭୀମଦା, ନରଣଗାଁ, ମାଣତ୍ରୀ, ହଳଦୀପଦା, ବଦଲିଗାଁ, ସୁହାଗପୁର, ଆମ୍ବଡାଳି, ପ୍ରତାପପୁର, ସିଂହଟିଆ, ଶିଆଳୀଘାଟୀ, ଦୁର୍ଗାପୁର, ଭୀମଦା ଓ କୋଚିଲାଖୁଣ୍ଟା ମଧ୍ୟରୁ ହଳଦିପଦାକୁ ଛାଡିଦେଲେ ଅନ୍ୟ ସମସ୍ତ ସ୍ଥାନରେ ଆଟେଣ୍ଡାଣ୍ଟ ପଦ ଖାଲି ରହିଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ମୁଖ୍ୟ ଜିଲ୍ଲା ପ୍ରାଣୀଧନ ଚିକିତ୍ସାଧିକାରୀ ଡାକ୍ତର କଳ୍ପତରୁ ସ୍ୱାଇଁଙ୍କୁ ପଚାରିବାରୁ ସେ ଅଭିଯୋଗ ସମ୍ପର୍କରେ ବୁଝିବେ ବୋଲି କହିଛନ୍ତି। ତେବେ ବ୍ଲକ୍ ପ୍ରାଣୀଧନ ଚିକିତ୍ସାଧିକାରୀଙ୍କୁ ଯୋଗାଯୋଗ କରାଯିବାକୁ ଚେଷ୍ଟା କରାଯାଇଥିଲେ ହେଁ ତାହା ସମ୍ଭବ ହୋଇପାରିନାହିଁ।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବେତନଟୀ,୭ ।୧(ସମିସ)**

ବେତନଟୀ କଲେଜରେ ଏକମାସ ଧରି ଚାଲିଥିବା ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ଗତକାଲି ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅଧ୍ୟାପକ ମନୋରଞ୍ଜନ ମହାନ୍ତଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସଡିସି) ଅଧ୍ୟକ୍ଷ ଡ. ଦେବାଶିଷ ମାର୍ଣ୍ଡି, ମୁଖ୍ୟବକ୍ତା ଭାବରେ ମୟୂରଭଞ୍ଜ କେନ୍ଦ୍ର ସମବାୟ ବିଭାଗିର ସଭାପତି ସୁବ୍ରମଣ୍ୟମ ମହାନ୍ତି, ସ୍ୱତନ୍ତ୍ରଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ସମ୍ମାନିତ ଅତିଥି ଭାବେ କଲେଜ ପରିଚାଳନା କମିଟିର ସଭାପତି ଅଲେଖ କୁମାର ବିଶ୍ୱାଳ, ବେତନଟୀବ୍ଲକ ଚେୟାରମ୍ୟାନ କୌଶଲ୍ୟା ମାଝୀ, ୩୫ନଂ ଜୋନ ଜିଲ୍ଲାପରିଷଦ ବିଶ୍ୱନାଥ ହେମ୍ବ୍ରମ, ଇଂ. ସୁଶାନ୍ତ ବଳ ଏବଂ ସୁନୀଲ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କ୍ରୀଡା, ସାଂସ୍କୃତିକ, ସମାଜସେବା ସମେତ ବକ୍ତୃତା, କୁଇଜ, ତର୍କ, ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପଥପ୍ରାନ୍ତ ନାଟକ ସାଙ୍ଗକୁ ସଚେତନତା ପଦଯାତ୍ରା ମଧ୍ୟ ଆଖପାଖ ଗାଁ ପରିକ୍ରମା କରିଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଞ୍ଚାସୀନ ଅତିଥିଗଣ ପୁରସ୍କୃତ କରିଥିଲେ। ଅଧ୍ୟାପକ ବିକାଶ ଭୋଇ ସ୍ୱାଗତ ଭାଷଣ, ଅତିଥି ପରିଚୟ ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।



## ଜାରିତାଣ୍ଡି ହାଇସ୍କୁଲର ବାର୍ଷିକୋତ୍ସବ




**ବହଳଦା,୭।୧(ସମିସ):** ଶନିବାର ବହଳଦା ବ୍ଲକ ଜାରିତାଣ୍ଡି ହାଇସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସୁବୋଧ କୁମାର ସାହୁ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ପ୍ରଧାନଶିକ୍ଷକ ରାଜକିଶୋର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଶିକ୍ଷାବିତ୍ ଚିତ୍ତରଞ୍ଜନ ମଣ୍ଡଳ, ମୁଖ୍ୟବକ୍ତା ଭାବରେ ଶିଶୁ ସାହିତ୍ୟିକ ନେପାଳ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥିଭାବେ ସାମ୍ବାଦିକ ଅଶୋକ ରାଉତ, ବିଜେଡି ବ୍ଲକ ସଭାପତି ହରେକୃଷ୍ଣ ମଣ୍ଡଳ, ସରପଞ୍ଚ କ୍ଷାତ୍ରୀ କିସ୍କୁ, ସିଆରସିସି ବରୁଣ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବକ୍ତାମାନେ ଛାତ୍ରଛାତ୍ରୀଙ୍କୁ ବଡ଼ ମଣିଷ ଅପେକ୍ଷା ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀ ଓ ସ୍କାଉଟ ଅଧିକାରୀ ରମେଶଚନ୍ଦ୍ର ବିଶୋଇଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ବିଜେତାମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

## ବାପୁଜୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କୁଆମରା/ମାଣତ୍ରୀ, ୭ ।୧(ସମିସ):** ଗୋପବନ୍ଧୁ ନଗର ବ୍ଲକ ପଶୁଦା ପଞ୍ଚାୟତ ସାନବେଲାକୁଟି ବାପୁଜୀ ଉଚ୍ଚ ବିଦ୍ୟାଳୟ ତଥା କିଷାନ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ୩୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ସରପଞ୍ଚ ନିମାଇଁ ସୋରେନ, ମୁଖ୍ୟବକ୍ତା ପଶୁଦା କ୍ଲଷ୍ଟର ସିଆରସିସି କୃଷ୍ଣଚନ୍ଦ୍ର ଦଳେଇ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ଗୋଛାୟତ, ପୂର୍ବତନ ସରପଞ୍ଚ ପ୍ରତାପଚନ୍ଦ୍ର ନାଏକ, ପ୍ରାଥମିକ ଶିକ୍ଷକ ସଂଘର ସଂପାଦକ କୃଷ୍ଣଚନ୍ଦ୍ର ସାହୁ, ଗୋପବନ୍ଧୁ ନଗର ବ୍ଲକ ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ, ସମିତି ସଭ୍ୟ ଭୀମ ସୋରେନ୍, କିଷାନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ରାଉଳ ପ୍ରମୁଖ ଯୋଗଦେଇ ନିଜର ଚରିତ୍ର ଯଦି ପବିତ୍ର ଓ କର୍ମ ଯଦି ସତ୍ ଥାଏ ତେବେ ଭଗବାନଙ୍କ ଆଶୀର୍ବାଦ ମିଳେ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ଅନନ୍ତ କେଶରୀ ମହାନ୍ତି ଅତିଥି ପରିଚୟ ଓ ଭବାନୀ କୁମାର ଗୋଛାୟତ ଧନ୍ୟବାଦ ଦେଇଥିଲେ। ବାର୍ଷିକ କ୍ରୀଡାର ଦୁଇ ଚାମ୍ପିଅନ ବାଳିକା ବିଭାଗରୁ ଲଭଲୀ ବେଶ୍ରା ଓ ବାଳକ ବିଭାଗର ରାମଜିତ୍ ସରେନ୍ ଏବଂ ରାଜ୍ୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲା ପାଇଁ ପ୍ରତିନିଧିତ୍ୱ କରୁଥିବା ଦୀପଙ୍କର ବେହେରାଙ୍କ ସମେତ ମୋଟ ୭୧ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।



## ମହୁମାଛି ପାଳନ ସଚେତନତା ପ୍ରଶିକ୍ଷଣ ଶିବିର

**ବାରିପଦା, ୭ ।୧(ସମିସ)**

ଶନିବାର ଅନୁସୂଚିତ ଜନଜାତିମାନଙ୍କ ଆତ୍ମନିର୍ଭରଶୀଳ ପାଇଁ ମହୁମାଛି ପାଳନ ସମ୍ବନ୍ଧୀୟ ଏକ କୃଷକ ସଚେତନତା ଓ ପ୍ରଶିକ୍ଷଣ ଶିବିର ତାରାଯୋଡି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ ସର୍ବଭାରତୀୟ ସଂଯୋଜିତ ମହୁମାଛି ପରାଗ ସଂଗମକାରୀ ଜୀବ ଗବେଷଣା କେନ୍ଦ୍ରର ଆର୍ଥିକ ସହାୟତା ଓ କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧ର ମିଳିତ ସହଯୋଗିତାରେ ଶ୍ୟାମାଖୁଣ୍ଟା ବ୍ଲକର ତାରାଯୋଡିରେ ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ ସଂଘମିତ୍ରା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମହୁମାଛି ପାଳନ ସଚେତନତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୁଖ୍ୟଅତିଥି ଭାବେ ଯୋଗଦେଇ




ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଜିଲ୍ଲା ପ୍ରବନ୍ଧକ ମହୁମାଛି ଚାଷ ପାଇଁ ଅନୁସୂଚିତ ଜନଜାତିମାନଙ୍କ ନିମନ୍ତେ ଉପଲବ୍ଧ ବିଭିନ୍ନ ଆର୍ଥିକ ଯୋଜନା ବିଷୟରେ ଚାଷୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡିଶା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗର କର୍ମକର୍ତ୍ତା ବିଭିନ୍ନ ଯୋଜନା ମାଧ୍ୟମରେ ଚାଷୀମାନଙ୍କୁ କିପରି ସହାୟତା ପ୍ରଦାନ କରାଯାଇପାରିବ ସେ ନେଇ ଅବଗତ କରାଇଥିଲେ। ପ୍ରକଳ୍ପର ମୁଖ୍ୟ ଗବେଷିକା ଡଃ ପ୍ରଭାସିନୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଜ୍ଞାନିକ ଡଃ ଉତ୍ତମକୁମାର ବେହେରା ମହୁମାଛି ପାଳନର ଉପଦେୟତା ଓ ମହୁଦଳ ବିଭାଜନ ବିଷୟରେ ଆଲୋଚନା କରିଥିଲେ। ଶେଷରେ ଡଃ ଝୁନିଲତା ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଏମ୍‌ପିସି ହାଇସ୍କୁଲରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ବେତନଟୀ,୭ ।୧(ସମିସ):** ବେତନଟୀ ଏମପିସି ହାଇସ୍କୁଲରେ ସାଇବର ସୁରକ୍ଷା ସମ୍ପର୍କୀତ ସଚେତନତା ଏକ କାର୍ଯ୍ୟକ୍ରମ ଶନିବାର ଆୟୋଜିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏସଆଇ ନିରଞ୍ଜନ ସେଠୀ, ଏଏସଆଇ ସିଦ୍ଧେଶ୍ୱର ମୋଦୀ ପ୍ରମୁଖ ପୁଲିସ ଅଧିକାରୀଗଣ ଯୋଗଦେଇଥିଲେ। ତେବେ ସ୍ମାର୍ଟଫୋନ ଏବଂ ଇଣ୍ଟରନେଟ୍‌ର ବହୁଳ ବ୍ୟବହାର ଦ୍ୱାରା ସାଇବର କ୍ରାଇମ ଦିନକୁଦିନ ବଢିଚାଲିବା ସହିତ ନୀରିହ ଜନସାଧାରଣ ସାମାନ୍ୟ ସଚେତନତାର ଅଭାବରୁ ଠକାମିର ଶୀକାର ହୋଇ ନିଜର କଷ୍ଟଉପାର୍ଜିତ ଜମାପୁଞ୍ଜିକୁ ହରାଇ ବସୁଛନ୍ତି। ତେବେ ଅନଲାଇନରେ କିମ୍ବା ଅଜଣା ଫୋନକଲରେ ଲୋଭନୀୟ ଅଫର, ଟଙ୍କାରଣ, ସ୍ୱଳ୍ପମୂଲ୍ୟରେ ମୂଲ୍ୟବାନ ସାମଗ୍ରୀ କରାଇଦେବାର ପ୍ରତିଶୃତି ଦେଉଥିବା ଲୋକଙ୍କ ଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଥିଲା। ପରିଚାଳନାରେ ପ୍ରକାଶ କୁମାର ଗିରି, ନିରୋଜ କୁମାର ମହାନ୍ତଙ୍କ ସମେତ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ହୃଷିକେଶ ମହାପାତ୍ର, ହେମନ୍ତ ମହାନ୍ତ (ହୀରା) ପ୍ରମୁଖ ସହାୟତା କରିଥିଲେ।

## ବହଳଦା ରୋଡ୍ ରେଳ ଷ୍ଟେସନରେ ବିନା ସୂଚନାରେ ବିଦ୍ୟୁତ୍ କାଟ୍ ନେଇ ଅସନ୍ତୋଷ

**ଝରାଡିହି,୭।୧(ସମିସ):** ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅନ୍ତଗତ ବହଳଦା ରୋଡ (ଝରାଡିହି) ରେଳ ଷ୍ଟେସନରେ ବିନା ସୂଚନାରେ ଗତକାଲି ବିଦ୍ୟୁତ୍ କାଟ କରାଯାଇଥିବାରୁ ତୀବ୍ର ଅସନ୍ତୋଷଦ ଦେଖାଦେଇଥିଲା। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ବିଲ ବାକି ରହିଥିବାରୁ ବିଦ୍ୟୁତ କାଟ କରାଯାଇଛି ବୋଲି କହିଥିଲେ। ଜେଇ ରାମ ବାବୁଙ୍କ ସୂଚନା ଅନୁସାରେ, ବିଭାଗ ପକ୍ଷରୁ ଲାଇନ କାଟିବା ପାଇଁ କୌଣସି ନୋଟସି ଦିଆଯାଇ ନ ଥିଲା। ଏପରିକି ବହଳଦାରୋଡ ରେଳଷ୍ଟେସନ ମାଷ୍ଟରଙ୍କୁ ମଧ୍ୟ କୌଣସି ସୂଚନା ଦିଆଯାଇଥିଲା ବୋଲି ସେ କହିଛନ୍ତି। ଫଳରେ ବହଳଦାରୋଡ ରେଳ ଷ୍ଟେସନ ସମେତ ପିଡବ୍ଲ୍ୟୁଡି ଅଫିସ, କର୍ମଚାରୀଙ୍କ କାର୍ଟର ଆଦି ଅନ୍ଧକାର ରହିଥିଲା। ବିଭାଗୀ ଅଧିକାରୀଙ୍କ ଏଭଳି ମନୋମୁଖି କାର୍ଯ୍ୟକୁ ସାଧାରଣରେ ତୀବ୍ର ନିନ୍ଦା କରାଯାଇଛି। ତେଣୁ ବିନା ନୋଟିସରେ ବିଦ୍ୟୁତ କାଟ କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି।

### ସରକାରଙ୍କ ମକର ଭେଟି

## ତିରିଙ୍ଗରେ ହେବ +୩ କଲେଜ

**ବହଳଦା,୭।୧(ସମିସ)**

ମୟୂରଭଞ୍ଜ ଝାଡ଼ଖଣ୍ଡ ସୀମାନ୍ତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ତିରିଂଠାରେ ରାଜ୍ୟ ସରକାର ନୂତନ ଭାବେ ଏକ ଡିଗ୍ରୀ କଲେଜ ଖୋଲିବା ନେଇ ଘୋଷଣା କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସମଗ୍ର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗତ ୪ ତାରିଖରେ ଏନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଡିଗ୍ରୀ କଲେଜ ନ ଥିବା ୧୮ଟି ବ୍ଲକକୁ ଏଥିପାଇଁ ଚିହ୍ନଟ କରାଯାଇଛି। ପୂର୍ବରୁ ଏହି ବ୍ଲକ ଅଞ୍ଚଳରେ ତତ୍କାଳୀନ ଶିକ୍ଷାମନ୍ତ୍ରୀ ତଥା ତିରିଙ୍ଗ ବ୍ଲକର ମୂଳ ବାସିନ୍ଦା ସ୍ୱର୍ଗତ ଚୈତନ୍ୟ ପ୍ରସାଦ ମାଝୀଙ୍କ ଉଦ୍ୟମ କ୍ରମେ ଏଠାରେ +୨ ସରକାରୀ ମହାବିଦ୍ୟାଳୟ ପ୍ରତିଷ୍ଠା ହେଇଥିଲା। ପରବର୍ତ୍ତୀ ସମୟରେ ଅଧ୍ୟାପକ ଅଭାବ ଓ ଅନ୍ୟାନ୍ୟ କାରଣ ପାଇଁ ଏହା ବନ୍ଦ ହେବା ଅବସ୍ଥାକୁ ଆସିଯାଇଥିଲା; ମାତ୍ର ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ପରେ ଏବଂ ସୁଦାମ ମାରାଣ୍ଡିଙ୍କ ପ୍ରୟାସ ପରେ ବିଭିନ୍ନ ବିଭାଗରେ ଆବଶ୍ୟକ ଅଧ୍ୟାପକ ନିଯୁକ୍ତି କରାଯାଇଥିଲା। ପରେ ପୁଣି ଛାତ୍ରଛାତ୍ରୀ ଆଗ୍ରହ ସହ ଏହି କଲେଜ ମୁହାଁ ହେଉଛନ୍ତି। ସୂଚନାଯୋଗ୍ୟ ଯେ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ନିକଟ ଅତୀତରେ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀ ଗସ୍ତ ସମୟରେ କିଛି ନେତୃମଣ୍ଡଳୀ ତାଙ୍କୁ ସାକ୍ଷାତ କରି ତିରିଙ୍ଗ ବ୍ଲକରେ ଏକ ଡିଗ୍ରୀ (ସ୍ନାତକ) କଲେଜ ଖୋଲିବା ନେଇ ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମୋ ଓଡିଶା ନବୀନ ଓଡ଼ିଶାର ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ସୀମାନ୍ତ ତିରିଙ୍ଗଠାରେ କଲେଜ ସ୍ଥାପନ ଘୋଷଣା ମୟୂରଭଞ୍ଜର ଗଣପର୍ବ ଆଗାମୀ ମକର ପାଇଁ "ମକର ଭେଟି' ବୋଲି ଦଳମତ ନିର୍ବିଶେଷରେ ସ୍ୱାଗତ କରିଛନ୍ତି।

ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ଅଞ୍ଚଳବାସୀ ତଥା ବିଜେଡ଼ି ଜିଲ୍ଲା ସଭାପତି କାଶୀନାଥ ହେମ୍ବ୍ରମ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ବଳଦେବ ହେମ୍ବ୍ରମ, ଜେମାମଣୀ ଶୁଣ୍ଡି, ଜିଲ୍ଲା ପରିଷଦ ସଭ୍ୟ ପରେଶ୍ ମୁଣ୍ଡା, ଜନତା ବସା, ବିଜେଡି ସାଧାରଣ ସମ୍ପାଦକ ପଙ୍କଜ ରାଉତ, ଉତ୍ତମ ବସା ସମେତ ବିଭିନ୍ନ ଦଳରୁ ନେତା, ବୁଦ୍ଧିଜୀବୀ କୃତଜ୍ଞତା ଜଣାଇଛନ୍ତି।

## କୁଷ୍ଠ ରୋଗୀଙ୍କୁ ଏମ୍‌ସିଆର ଚପଲ ଓ କିଟ୍ ବଣ୍ଟନ

**ଜାମଦା, ୭।୧(ସମିସ)**

ବହଳଦା ବ୍ଲକ ଅନ୍ତର୍ଗତ ବହଳଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲେପ୍ରା ସୋସାଇଟି ଏବଂ ବହଳଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମିଳିତ ସହଯୋଗରେ କୁଷ୍ଠ ରୋଗୀଙ୍କୁ ନେଇ ଏକ ସ୍ୱଯତ୍ନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବହଳଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ଼ ରୀତା ଟୁଡୁ, ଡ଼ ସାଇବା ମୁର୍ମୁ, ଗୋଲକ ବିହାରୀ ନାଏକ, ମଦନ ମୋହନ ମଣ୍ଡଳ, ବିଜୟ କୁମାର ବସା ଏବଂ ଲେପ୍ରା ସୋସାଇଟିର ଦୀପକ କୁମାର ପାତ୍ର ଉପସ୍ଥିତ ରହି କୁଷ୍ଠ ରୋଗର କାରଣ, ଚିକିତ୍ସା ଏବଂ ବଧିରା ହାତପାଦର କିପରି ଯତ୍ନ ନେବେ ସେ ନେଇ ବୁଝାଇଥିଲେ। ଲେପ୍ରା ସୋସାଇଟି ପକ୍ଷରୁ ୩୦ ଜଣ କୁଷ୍ଠ ରୋଗୀଙ୍କୁ ମାଗଣାରେ ଏମସିଆର ଚପଲ ଏବଂ ସ୍ୱଯତ୍ନ କିଟ୍ ବଣ୍ଟନ କରାଯାଇଥିଲା।



